# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

RNI Regd. No. :ODIMUL/2023/89182 Weekly Multilingual Rs - 5.00

ଭାଗ: ୩, ସଂଖ୍ୟା: ୯, ଭୁବନେଶ୍ୱର, ଜାନୁଆରୀ ୧୯ - ଜାନୁଆରୀ ୨୫, ୨୦୨୬, Vol: 3, Issue: 9, Bhubaneswar, January 19 - January 25, 2026 Pages- 8



ପୃଷ୍ଠା ୪ ପାଚିଲା ଚୁଟି ପାଇଁ ପାଞ୍ଚ ଟଙ୍କା

ପୃଷ୍ଠା ୮ ରାସ୍ତାକୁ ଓହ୍ଲାଇଲେ ଇରାନବାସୀ


# When the Earth Files a Complaint Against Humans


**Nihar Ranjan Acharya**


Once upon a time, humans lived with nature in fear, respect, and gratitude. Thunder was divine, rivers were sacred, forests were mothers, and mountains were gods. Today, the same humans proudly declare themselves masters of nature. In the process, we have forgotten a simple truth: the Earth does not belong to us—we belong to the Earth.

Modern civilization measures success in speed, height, and profit. Faster roads, taller buildings, bigger industries—this is what we call development. But in this race, forests are the first casualties. Trees that took hundreds of years to grow are erased in days, and in return we offer saplings with banners and promises. Rivers that once carried life are reduced to sewage channels, yet we wonder why floods and water shortages strike the same cities year after year. Nature is not misbehaving; it is responding.

We often blame climate change as if it were an external enemy, forgetting that it is a mirror. Rising temperatures, melting glaciers, erratic rainfall, prolonged droughts, and violent cyclones are not random events. They are consequences of relentless deforestation, excessive fossil fuel use, reckless mining, and unchecked urban expansion. The planet's warning signs are loud and clear, but human arrogance has excellent noise-canceling abilities.


Perhaps the greatest tragedy of our time is that environmental concern has become ceremonial. On



World Environment Day, we plant trees, deliver speeches, click photos, and share hashtags. The next day, the same saplings die due to lack of care, while permissions are quietly granted to clear vast green cover elsewhere. Environmental protection has been reduced to an event, not a commitment. Survival rates don't matter; attendance numbers do.

Wildlife suffers silently in this human-centered world. Animals lose their habitats, then wander into cities in search of food and water—only to be labeled as threats. We encroach on forests and later complain about man-animal conflict, as if animals crossed borders intentionally. The truth is uncomfortable: we invaded their homes first.

Ironically, the Earth itself does not need saving. It has survived ice ages, volcanic eruptions, and mass




extinctions. If pushed too far, it will simply rebalance—without us. Humans, however, are fragile. Our food, water, health, and economy are directly tied to ecological stability. Every tree cut, every river polluted, and every species lost is a step closer to our own vulnerability.

Real environmentalism begins with protection, not compensation. Saving an old forest is far more valuable than planting thousands of saplings. Sustainable development is not anti-progress; it is intelligent progress. It asks difficult questions: Do we really need this project? Can it be done without destroying ecosystems? Can growth coexist with restraint?

The wisdom of the future will not be measured by technological advancement alone, but by ecological sensitivity. Science and sustainability must walk together, guided by ethics and responsibility. Development without environmental consciousness is not progress—it is delayed destruction.

If the Earth were to file a complaint against humanity today, the evidence would be overwhelming. The verdict would be simple: live in harmony or face the consequences. The choice is still ours, but time is no longer generous. Nature always forgives—until it doesn't


Ph. 8249775817
E-Mail: nihar.acharya1973@gmail.com





# ଜାଡ଼ରେ ଥରୁଛି ଓଡ଼ିଶା : ୧୦° ତଳେ ୧୧ ସହର



**ଭୁବନେଶ୍ୱର (ଭିଓଭି) :** ଜାଡ଼ରେ ଥରୁଛି ଓଡ଼ିଶା । ଆଗାମୀ ୪ରୁ ୫ଦିନ ଯାଏ ଜାଡ଼ରୁ ମିଳିବନି ନିସ୍ତାର । ଆଜି ପାଇଁ ୫ଜିଲ୍ଲାକୁ ୟେଲୋ ୱାର୍ଣ୍ଣି ଜାରି ହୋଇଛି । କଟକ, ଜଗତସିଂହପୁର, ଅନୁଗୁଳ, ଝାରସୁଗୁଡ଼ା ଓ ଖୋର୍ଦ୍ଧା ଜିଲ୍ଲାରେ ଶୀତ ଲହରି ପ୍ରବାହିତ ହେଉଛି । ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଓ ଶୁଷ୍କ ବାୟୁ ପ୍ରବାହିତ ହେବା ଫଳରେ ଶୀତ ବଢ଼ିବାର ବି ଆଶଙ୍କା ରହିଛି । ୨ ଦିନ ପର୍ଯ୍ୟନ୍ତ ଏହିସବୁ ଜିଲ୍ଲାରେ ଶୀତ ଲହରି ରହିବ। ଏଥିସହ ସୁନ୍ଦରଗଡ଼, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ କୋରାପୁଟ ଜିଲ୍ଲାରେ ଘନକୁହୁଡ଼ି ପଡ଼ିବାର ଆଶଙ୍କା ରହିଛି । ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସମସ୍ତ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଆସନ୍ତାକାଲି ପାଇଁ ସୁନ୍ଦରଗଡ଼ ଜିଲ୍ଲାରେ ଘନ କୁହୁଡ଼ିର ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଆସନ୍ତା ୪ରୁ ୫ ଦିନ ଯାଏ ତାପମାତ୍ରା ପରିବର୍ତ୍ତନର ସମ୍ଭାବନା ନାହିଁ । ଉତ୍ତର ଏବଂ ମଧ୍ୟ ଭାରତରେ ପ୍ରବଳ ଥଣ୍ଡା ଜାରି ରହିଛି। ପ୍ରବଳ ଥଣ୍ଡା ଏବଂ କୁହୁଡ଼ି ଅନେକ ଭାରତୀୟ ରାଜ୍ୟରେ ଜୀବନଯାତ୍ରାକୁ ଅସ୍ତବ୍ୟସ୍ତ କରିଛି । ରାଜସ୍ଥାନରେ ତାପମାତ୍ରା ଶୂନ ତଳେ ରହିଛି । ଉତ୍ତର ପ୍ରଦେଶ ଏବଂ ଝାଡ଼ଖଣ୍ଡରେ ଶୀତ ଲହରୀ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ରାଜସ୍ଥାନର ଫତେହପୁରରେ ତାପମାତ୍ରା ଶୂନ ତଳେ ରହିଛି। ଆଗାମୀ ଦିନରେ ଏକ ପଶ୍ଚିମା ପବନ ପାଗକୁ ଆହୁରି ଖରାପ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ପ୍ରବଳ ଥଣ୍ଡା ରାଜସ୍ଥାନରେ ଜୀବନଯାତ୍ରାକୁ ସମ୍ପୂର୍ଣ୍ଣ ଭାବରେ ବ୍ୟାହତ କରିଛି । ରାଜ୍ୟର ଅନେକ ଜିଲ୍ଲାରେ ଲଗାତାର ଦ୍ୱିତୀୟ ଦିନ ପାଇଁ ତାପମାତ୍ରା ମାଇନସ୍ ରେକର୍ଡ କରାଯାଇଛି । ସିକରର ଫତେହପୁର ଏବଂ ପଲସାନାରେ ତାପମାତ୍ରା ମାଇନସ୍ ୪ ଡିଗ୍ରି ସେଲସିୟସକୁ ହ୍ରାସ ପାଇଛି । ସ୍ଥିତି ଏଭଳି ହୋଇଛି ପାତ୍ରରେ ରହିଥିବା ପାଣି ଜମାଟ ବାନ୍ଧି ଯାଉଛି ।

# ରାଜ୍ୟ ବାହାରକୁ ଯାଆଁଳ ଚାଲାଣ

**:- ନିଷିଦ୍ଧ ସତ୍ତ୍ୱେ ସରୁ ମଶାରୀ ଓ ଆଲିମ ଜାଲ ବ୍ୟବହାର**
**:- ପୋଲିସ ଓ ନେତା ସାଜିଛନ୍ତି ହାତବାରିସୀ**
**:- ଜୀବିକା ହରାଉଛନ୍ତି ମତ୍ସ୍ୟଜୀବୀ : ମାଫିଆ ମାଲାମାଲ୍**



**କାକଟପୁର /ଅସ୍ତରଙ୍ଗ (ଭିଓଭି) :** ରାଜ୍ୟ ସରକାର ପୁରୀ ଜିଲ୍ଲା ଅସ୍ତରଙ୍ଗ ଦେବୀ ନଦୀ ଅଂଚଳରେ ଯାଆଁଳ ନିଷିଦ୍ଧ କରିଥିବା ବେଳେ କିନ୍ତୁ ସ୍ଥାନୀୟ ଅଞ୍ଚଳର ମାଫିଆ ପଶ୍ଚିମବଙ୍ଗରୁ ଶ୍ରମିକ ଆଣି ଦେବୀ ନାସି ଅଂଚଳରେ ସରୁ ମଶାରୀ ଓ ଆଲିମ୍ ଜାଲ ମାଧ୍ୟମରେ ଖଇଂଗା ଯାଆଁଳ ଧରି ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି। କିନ୍ତୁ ସ୍ଥାନୀୟ ପୋଲିସ ସବୁ ଜାଣି ମଧ୍ୟ କିଛି କୁଜି ନେତା ଓ ମାଫିଆଙ୍କ ଚାପରେ ସବୁ ଜାଣି ଧୃତରାଷ୍ଟ୍ର ପାଲଟିଛନ୍ତି। ମାଫିଆମାନେ ଅର୍ଥ ଲାଳସାରେ ଦେବୀ ନାସି ଅଂଚଳରେ ପଶ୍ଚିମବଙ୍ଗ ଲୋକଙ୍କ ସହାୟତାରେ ଏହି ମଶାରୀ ଜାଲ ମାଧ୍ୟମରେ ଦୈନିକ ଲକ୍ଷ ଲକ୍ଷ ଯାଆଁଳ ମାରି ବିକ୍ରି କରିବା ସହ ରାଜ୍ୟ ବାହାରକୁ ବିଳମ୍ବିତ ରାତ୍ରରେ କାର ମାଧ୍ୟମରେ ଚାଲାଣ କରୁଛନ୍ତି। ଏହାକୁ ରୋକିବାକୁ ବିଭାଗୀୟ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପୋଲିସ ପ୍ରଶାସନ ସଫଳ ହୋଇ ପାରୁନାହାନ୍ତି। ଏଥି ସକାଶେ ବର୍ଷକୁ ବର୍ଷ ଅସ୍ତରଙ୍ଗ ଦେବୀନଦୀ ଅଂଚଳରେ ମତ୍ସ୍ୟ ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି।

ଏବେ ଶୀତ ଋତୁ ହୋଇଥିବା ବେଳେ ଦକ୍ଷିଣା ପବନ ପ୍ରବାହିତ ହେବା ଆରମ୍ଭ ହୋଇଛି। ଏହା ସାମୁଦ୍ରିକ ମାଛ, ଚିଙ୍ଗୁଡ଼ି ପ୍ରଜନନ ଋତୁ ସହ ଯାଆଁଳ ସମୟ। ସମୁଦ୍ରକୁ ଦେବୀ ନଦୀ ସଂଯୋଗ ହୋଇଥିବା ସ୍ଥଳ ଦେବୀ ନାସି ଅଥବା ସ୍ଥଳ ଭାଗ ମୁହାଁଣ ମୁହଁ ନିକଟରେ ସରୁ ମଶାରୀ ଜାଲ ଓ ଆଲିମ୍ ଜାଲ ମାଧ୍ୟମରେ ଯାଆଁଳ ଧରି ଅସାଧୁ ମାଫିଆ କୁଜି ନେତାଙ୍କୁ ହାତବାରିସୀ କରି ରପ୍ତାନି କରୁଛନ୍ତି। ମତ୍ସ୍ୟ ବିଭାଗ ଓ କିଛି ମତ୍ସ୍ୟଜୀବି ବାରମ୍ବାର ଚଢ଼ାଉ କରି ବସା ଭାଙ୍ଗୁଥିବା ସତ୍ତ୍ୱେ ପୋଲିସ ନିଷ୍କ୍ରିୟତା ସହ ଦଣ୍ଡ କୋହଳ ହେତୁ ଅସ୍ତରଙ୍ଗ ଥାନା ଅଂଚଳର କିଛି ଯାଆଁଳ ମାଫିଆମାନେ ପଶ୍ଚିମବଙ୍ଗରୁ ଲୋକ ଆଣି ଯାଆଁଳ ଧରି ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି। ଏଥିପାଇଁ ଦେବୀ ନଦୀ ଓ ସମୁଦ୍ର ଉପରେ ନିର୍ଭର କରୁଥିବା ଅସ୍ତରଙ୍ଗ ବ୍ଲକ ଅଂଚଳର ନଗର, ଆଳସାହି, ନୂଆଗଡ, ବିଲୁଆମଣ୍ଡୁଳି, ସହନ ସମେତ ବିଭିନ୍ନ ଗ୍ରାମର ହଜାର ହଜାର ମତ୍ସ୍ୟଜୀବି ଜୀବିକା ହରାଇ ଦାଦନ ଖଟିବାକୁ ବାଧ ହେଉଛନ୍ତି। ବିଗତ ଦିନ ମାନଙ୍କରେ ଏ ନେଇ ରାଜ୍ୟ ପାରମ୍ପରିକ ମତ୍ସ୍ୟଜୀବି ସଙ୍ଘ ସଭାପତି ପ୍ରସନ୍ନ ବେହେରା ଏ ନେଇ ଦାବୀ ଉପସ୍ଥାପନା କରିବା ସହ ଯାଆଁଳ ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯାଉ ବୋଲି ଦାବୀ ମଧ୍ୟ କରିଛନ୍ତି। ଦେବୀ ନଦୀ ନାସି ଅଂଚଳରେ ମାଫିଆଙ୍କ ମାଧ୍ୟମରେ ଯାଆଁଳ ବ୍ୟବସାୟ ହେଉଥିବା ସତ୍ତ୍ୱେ ଧର୍ମକୁ ଆଖିଠାର ସଦୃଶ୍ୟ କାଁ ଭାଁ ଚଢ଼ାଉ କରି ନିରବ ରହୁଥିବା ପୋଲିସ ଉପରେ ସାଧାରଣ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହି ଜାଲର ବହୁଳ ବ୍ୟବହାର ସହ ଦେବୀ ନଦୀ ମିଶିଥିବା ନଦୀ ମୁହାଁଣରେ ମଧ୍ୟ ବ୍ୟବହାର କରାଯାଇ ଦୈନିକ ଯାଆଁଳ ମରାଯାଉଛି। ଏହି ଜାଲ ମାଧ୍ୟମରେ ଚିଙ୍ଗୁଡ଼ି ଯାଆଁଳ, ଖଇଂଗା ଯାଆଁଳ ସହ ରାଣୀ ଚିଙ୍ଗୁଡ଼ି ଧରାଯାଇ ରପ୍ତାନି କରାଯାଉଛି। ଏ ନେଇ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ସଜାଗ ନହେଲେ ଆଗାମୀ ଦିନରେ ହଜାର ହଜାର ମତ୍ସ୍ୟଜୀବି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଲେଣି।

# ଜିଲ୍ଲା ସଭାପତିଙ୍କ ତାଗିଦ୍ ସତ୍ତ୍ୱେ ସମୀରଙ୍କ ଜନ ଅଭିଯୋଗ ଶୁଣାଣି

**ନିମାପଡ଼ା (ଭିଓଭି) :** ପୁଣି ଚର୍ଚ୍ଚାରେ ପୁରୀ ଜିଲ୍ଲା ନିମାପଡ଼ା ରାଜନୀତି। ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ସମୀର ରଞ୍ଜନ ଦାଶଙ୍କ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧ ଏବେ ମହା ଯୁଦ୍ଧରେ ପରିଣତ ହୋଇଥିବା ଦେଖିବାକୁ ମିଳିଛି। କିଛି ଦିନ ତଳେ ସମୀର ନିଜ ସୋସିଆଲ ମିଡିଆରେ ଜନ ଅଭିଯୋଗ ଶୁଣାଣି ନିମନ୍ତେ ଏକ ଭିଡିଓ ଜାରି କରିବା ସହିତ ଗତ ବୁଧବାର ଦିନ ନିମାପଡ଼ା ବ୍ଲକ୍ ଅଧ୍ୟକ୍ଷଙ୍କ ଆବାସିକ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ଅଞ୍ଚଳର ପାଖା ପାଖି ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସମସ୍ୟା ଶୁଣିବା ସହିତ ସମାଧାନ ନିମନ୍ତେ ସରକାରୀ ଅଧିକାରୀ ମାନଙ୍କ ସହିତ ଫୋନ ଯୋଗେ କଥାବାର୍ତ୍ତା ହୋଇଥିଲେ। କାର୍ଯ୍ୟକ୍ରମର ଗୋଟେ ଦିନ ପରେ ପୁରୀ ଜିଲ୍ଲା ବିଜେପି ସଭାପତି ଏକ ସାମ୍ବାଦିକ ସମ୍ମିଳନୀରେ ତାଙ୍କୁ ତାଗିଦ୍ କରିବା ସହିତ କହିଥିଲେ ସମୀରଙ୍କ ଏହି ଭଳି ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ତାଙ୍କୁ ଦୁଇ ଦୁଇଥର ନୋଟିସ ଜାରି କରାଯାଇଥିବା ବେଳେ ରାଜ୍ୟ ନେତୃତ୍ୱ ମାନଙ୍କୁ ମଧ୍ୟ ତାଙ୍କ ବିଷୟରେ ଅବଗତ କରାଯାଇଛି। ଯଦି ଏହାପରେ ପୁଣି ସେ ଏହିଭଳି ବିଶୃଙ୍ଖଳା ସୃଷ୍ଟି କରନ୍ତି ତାହାଲେ ତାଙ୍କ ଉପରେ ଦଳ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପଟେ ଆଜି ଶନିବାର ହୋଇଥିବାରୁ ଜିଲ୍ଲା ସଭାପତିଙ୍କ ତାଗିଦ୍‌କୁ ଖାତିର ନକରି ପୁଣି ସମୀର ନିଜ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜାରି ରଖିଥିବା ଦେଖିବାକୁ ମିଳିଥିବା ବେଳେ ଆଜି ମଧ୍ୟ ବିଭିନ୍ନ ପଞ୍ଚାୟତରୁ ୭୦ରୁ ଊର୍ଦ୍ଧ୍ୱ ଲୋକ ନିଜ ଅଭିଯୋଗ ପତ୍ର ନେଇ ଆସିଥିଲେ। ଅନ୍ୟପଟେ ଗତକାଲି ଏହି ଘଟଣାକୁ ନେଇ ପ୍ରଭାତୀ ମଧ୍ୟ ସମିରଙ୍କୁ



ତେରେଛା ବାଣ ମାରିବା ସହିତ କହିଥିଲେ କିଛି ଲୋକ କ୍ଷମତାରେ ଦୀର୍ଘ ସମୟ ରହିବା ପରେ ମଧ୍ୟ ଲୋକଙ୍କ ସମସ୍ୟାର ସମାଧାନ କରିବାରେ ଅସଫଳ ହୋଇ ଏବେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଯଦି ସମସ୍ୟାର ସମାଧାନ କରିଥାନ୍ତେ ତାହାଲେ ଆଜି ଆମ ପାଖକୁ ଲୋକଙ୍କର ଶହ ଶହ ଅଭିଯୋଗ ପତ୍ର ଆସିନଥାନ୍ତା। ପ୍ରଭାତୀଙ୍କ ସିଧା ସଳଖ ଏହିଭଳି ଟାର୍ଗେଟ ପରେ ସମୀରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ପାରିନଥିବା ବେଳେ ଆସନ୍ତାକାଲି ସମୀରଙ୍କ ଏକ ପଞ୍ଚାୟତ ବୈଠକ ଅନୁଷ୍ଠିତ ହେଉଥିବା ବେଳେ ସେଠାରେ ସେ ଏହାର ଉତ୍ତର ରଖିବେ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ତେବେ ଯଦି କାଲି ସମୀର ଏହା ଉପରେ ନିଜର ପ୍ରତିକ୍ରିୟା ରଖିବେ ତାହାଲେ କଣ ପ୍ରତିକ୍ରିୟା ରଖିବେ ତା ଉପରେ ସମସ୍ତଙ୍କ ନଜର ରହିଛି। ଏହି ଘଟଣା ଏବେ ନିମାପଡା ଅଞ୍ଚଳରେ ଚର୍ଚ୍ଚାର ବିଷୟ ବସ୍ତୁ ପାଲଟିଛି।



କାର୍ତ୍ତିକ ଚନ୍ଦ୍ର ପଣ୍ଡା

# ଥାଇଲାଣ୍ଡ

## ଦେଶବିଦେଶ

ଉତ୍ତରପୂର୍ବ ଏସିଆର ଦ୍ୱିତୀୟ ବୃହତ୍ତମ ଅର୍ଥନୈତିକ ସମୃଦ୍ଧ ଦେଶ ଥାଇଲାଣ୍ଡର ପୁରାତନ ନାମ ଶ୍ୟାମ (ଝସବଙ୍କ) ୧୧-୫-୧୯୪୧ ପର୍ଯ୍ୟନ୍ତ ବଳବତ୍ତର ଥିଲା । ସଂସଦୀୟ ରାଜତନ୍ତ୍ର ବ୍ୟବସ୍ଥା ପ୍ରଚଳିତ ଥିବା ଏହି ରାଷ୍ଟ୍ରକୁ 'ଧଳାହାତୀର ଦେଶ' କୁହାଯାଏ। ପ୍ରାୟ ୭ କୋଟି ଜନସଂଖ୍ୟା ବିଶିଷ୍ଟ ଏହି ରାଷ୍ଟ୍ରର କ୍ଷେତ୍ରଫଳ ୫୧୩୧୨୦ ବର୍ଗ କିଲୋମିଟର । ସହରରେ ୫୧ ପ୍ରତିଶତ ଓ ଗ୍ରାମାଞ୍ଚଳରେ ୪୯ ପ୍ରତିଶତ ଲୋକମାନେ ବାସ କରନ୍ତି । ଏହି ଦେଶର ସାକ୍ଷରତା ହାର ୯୩.୭୭ ପ୍ରତିଶତ ।

ଏହି ଦେଶର ପୂର୍ବରେ ଲାଓସ, କାମ୍ବୋଡିଆ, ଦକ୍ଷିଣରେ ମ୍ୟାଲେସିଆ, ଓ ପଶ୍ଚିମରେ ମିଁଆମାର ଦେଶ ଅବସ୍ଥିତ ।ବ୍ୟାଙ୍କକ ଥାଇଲାଣ୍ଡର ବଡ଼ ସହର ଓ ରାଜଧାନୀ । ନୋଥାବୁରି, ନାଖୋନ ଓ ଚିଆଙ୍ଗମାଇ ଆଦି ଏହାର ପ୍ରମୁଖ ସହର । ଅନ୍ୟ କୌଣସି ଦେଶ ଦ୍ୱାରା ଅଧିକୃତ ଓ ଶାସିତ ହୋଇ ନଥିବା ଏହି ଦେଶରେ ପ୍ରାୟ ୯୫ ପ୍ରତିଶତ ବୌଦ୍ଧାଧଲମ୍ବୀ ଓ ୫ ପ୍ରତିଶତ ଅନ୍ୟ ଧର୍ମର ଲୋକମାନେ ବାସକରନ୍ତି । ଏହାର ଦୀର୍ଘ ୨୮୧୫ କିଲୋମିଟର ସମୁଦ୍ରତଟ ରହିଛି।

ଥାଇଲାଣ୍ଡର ଅର୍ଥନୀତି ବେଶ ସୁଦୃଢ଼ । ଏହାର ନୋମିନାଲ ଜିଡିପି ୧୩୪୦ ଟ୍ରିଲିୟନ ଡ଼ଲାର ଓ ମୁଣ୍ଡ ପିଛା ୭୬୭୪ ଡଲାର । ଏହାର ମୁଦ୍ରାକୁ ଭାଟ (ଈବଷସ୍ଥ) କୁହାଯାଏ । ୧ ଆମେରିକୀୟ ଡ଼ଲାରର ବିନିମୟ ମୂଲ୍ୟ ୩୩.୨୯ ଭାଟ ଓ ୧ ଭାଟର ଭାରତୀୟ ମୂଲ୍ୟ ୨ ଟଙ୍କା ୨୧ ପଇସା । ଥାଇଲାଣ୍ଡର ଅର୍ଥନୀତି ମୁଖ୍ୟତଃ କୃଷି, ନିର୍ମାଣ ଶିଳ୍ପ, ପର୍ଯ୍ୟଟନ ଶିଳ୍ପ ଓ ଆର୍ଥିକ ସେବା ଉପରେ ନିର୍ଭରକରେ । ଚାଉଳ ରପ୍ତାନି କ୍ଷେତ୍ରରେ ଥାଇଲାଣ୍ଡ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର । ଧାନ ବ୍ୟତୀତ ରବର, ଆଖୁ, କାସାଭା, କାଜୁ, ବାଦାମ, ମକା, କପା, କୋକୋ, ଫଳ, ସୋୟାବିନ, ଦୁଗ୍ଧଜାତ ପଦାର୍ଥ, ମାଛମାଂସ, ପନିପରିବା ଆଦିରେ ଥାଇଲାଣ୍ଡ ଆତ୍ମନିର୍ଭରଶୀଳ । ଏହା ବିଦେଶକୁ କାର, କମ୍ପ୍ୟୁଟର, ଟେକ୍ସଟାଇଲ୍ସ, ଗାରମେଣ୍ଟ, ପ୍ଲାଷ୍ଟିକ,ଫୁଟଉୟର, ସିମେଣ୍ଟ ଇଲେକ୍ଟ୍ରିକାଲ୍ସ, ରିଫାଇନ୍ଡ ପେଟ୍ରୋଲ, ଚାଉଳ, ରବର, ସମୁଦ୍ରମାଛ, ଫଳ ଓ ପଲିସ୍ ହୀରା ରପ୍ତାନୀ କରେ । ଏହା ବିଦେଶରୁ ଅଶୋଧିତ ପେଟ୍ରୋଲ, ପେଟ୍ରୋଲିୟମ ଗ୍ୟାସ, ଓ ସୁନା ଆମଦାନୀ କରେ । ଥାଇଲାଣ୍ଡ ଭାରତରୁ ମେସିନାରୀ, ଆଣବିକ ରିଆକ୍ଟର, କେମିକାଲ୍ସ ଓ ଲୌହ ଆମଦାନୀ କରିଥାଏ ।

ଥାଇଲାଣ୍ଡ ରାଜପରିବାରରେ ହିନ୍ଦୁଧର୍ମ ସହିତ ନିବିଡ ସଂପର୍କ ରହିଛି । ରାଜାଙ୍କୁ ଭଗବାନ ବିଷ୍ଣୁଙ୍କ ଅବତାର ରୂପେ ଗ୍ରହଣ କରାଯାଏ ତେଣୁ ଏହାର ରାଷ୍ଟ୍ରୀୟ ଚିହ୍ନ ଗରୁଡ଼। ସୁଖୋଥାଇ ରାଜବଂଶ, ରାଜା ଇନ୍ଦ୍ରଦିତ୍ୟଙ୍କ ଠାରୁ ୧୨୩୮ ମସିହାରେ ଆରମ୍ଭ ହୋଇଥିଲା । ତକସିନ ଥୋନବୁରି ବଂଶାନୁକ୍ରମିକ ରାଜତନ୍ତ୍ର ଶାସନ ୧୭୮୨ ମସିହାରେ ଅନ୍ତଘଟି ଚକ୍ରି ରାଜବଂଶର ଆରମ୍ଭରେ, ରାଜାଙ୍କୁ ରାମ ନାମରେ ଅବିହିତ କରାଗଲା । ରାଜବଂଶର ପ୍ରତୀକ ରୂପେ ଚକ୍ର ଓ ତ୍ରିଶୂଳକୁ ସ୍ଥାନୀତ କରାଗଲା । ୧୭୮୨ ମସିହାରୁ ରାଜାରାମ ( ପ୍ରଥମ) ଆରମ୍ଭ ହୋଇ ବର୍ତ୍ତମାନ ରାଜାରାମ (ଦଶମ)ଙ୍କ ଶାସନ ୨୦୧୬ ମସିହାରୁ ପ୍ରଚଳିତ ହୋଇଆସୁଛି ।

ଥାଇଲାଣ୍ଡର ରାଷ୍ଟ୍ରଧର୍ମ ବୌଦ୍ଧ ହେଲେବି ହିନ୍ଦୁଧର୍ମର ପ୍ରଭାବ ସବୁଆଡେ ଅନୁଭୂତ ହୁଏ । ହିନ୍ଦୁ ଦେବଦେବୀଙ୍କ ମନ୍ଦିର ଭିତରେ ପୂଜାର୍ଚ୍ଚନା ସର୍ବତ୍ର ଦେଖିବାକୁ ମିଳେ । ଏପରିକି ବୌଦ୍ଧମନ୍ଦିର ଓ ମଠ ମାନଙ୍କରେ ବ୍ରହ୍ମା ବିଷ୍ଣୁ ମହେଶ୍ୱର, ଗଣେଶ, ରାମ ଓ ଅନ୍ୟ ଦେବଦେବୀଙ୍କ ମୂର୍ତ୍ତି ସ୍ଥାପନ କରାଯାଇଥାଏ । ରାମାୟଣ ( ଜବଙ୍କବଲସରଭ)ଥାଇଲାଣ୍ଡର ରାଷ୍ଟ୍ରୀୟ ଧର୍ମଗ୍ରନ୍ଥ । ମୂଳ ବାଲ୍ମୀକି ରାମାୟଣର ଥାଇ ଅନୁବାଦ ବିଭିନ୍ନ ରାଜାଙ୍କ ଦ୍ୱାରା କରାଯାଇଛି। ଏହାର ସଂସ୍କୃତ ଅନୁବାଦ ମଧ୍ୟ ଉପଲବ୍ଧ । ବ୍ୟାଙ୍କକ ସହର ଠାରୁ ୮୦ କିଲୋମିଟର ଦୂରରେ ଅଯୋଧ୍ୟା ସହର (ଇଇଙ୍କସ୍ଥସ୍ଥଷବଇବ) ଅବସ୍ଥିତ, ଯେଉଁ ଠାରେ ରାଜବଂଶ ବାସକରନ୍ତି । ତେଣୁ ଥାଇଲାଣ୍ଡରେ ରାମରାଜ୍ୟର ବାସ୍ତବ ପ୍ରତିଫଳନ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଥାଇଲାଣ୍ଡର ରାମାୟଣ ମୂଳ ବିଷୟବସ୍ତୁ ବାଲ୍ମୀକି ରାମାୟଣ ଆଧାରରେ ହୋଇଥିଲେ ମଧ୍ୟ ଅନୁବାଦ ବେଳେ କିଛି ଥାଇ ସଂସ୍କୃତିକୁ ଯୋଡ଼ା ଯାଇଛି । ମୂଳ ବିଷୟବସ୍ତୁକୁ ମଧ୍ୟ କିଛି ପରିବର୍ତ୍ତନ କରାଯାଇଛି । ଦଶରଥ, ରାମ, ଜଟାୟୁ, ଚରିତ୍ରର ନାମକରଣ ଅପରିବର୍ତ୍ତିତ ଥିଲାବେଳେ, ଲକ୍ଷ୍ମଣଙ୍କୁ ଲକ, ବାଳୀଙ୍କୁ ପାଲି, ସୁଗ୍ରୀବଙ୍କୁ ସୁକ୍ରାପ, ଅଙ୍ଗଦଙ୍କୁ ଓଂକଟ ଜାମ୍ବବାନଙ୍କୁ ଖୋମ୍ଫୁନ, ବିଭୀଷଣଙ୍କୁ ବିପେକ ରଖାଯାଇଛି । ଥାଇଭାଷାରେ ଉଚ୍ଚାରଣଗତ ସୁବିଧାପାଇଁ ଏପରି କରାଯାଇଛି। ଥାଇଲିପିରେ ୭୨ ଟି ଅକ୍ଷର ରହିଛି । ବର୍ଣ୍ଣମାଳାରେ ୪୪ଟି ବ୍ୟଞ୍ଜନବର୍ଣ୍ଣ ଓ ୨୮ ସ୍ୱରବର୍ଣ୍ଣ ରହିଛି । ଥାଇଲାଣ୍ଡରେ ନବରାତ୍ର ପର୍ବ ମହା ଆଡମ୍ବରରେ ପାଳନ କରାଯାଏ ।

ଥାଇଲାଣ୍ଡରେ ୪୦୦୦୦ ରୁ ଉର୍ଦ୍ଧ୍ୱ ମନ୍ଦିର ରହିଛି । ବୌଦ୍ଧ ଓ ହିନ୍ଦୁଧର୍ମର ଅପୂର୍ବ ସମନ୍ୱୟ ଓ ଭାଇଚାରା ଦେଖିବାକୁ ମିଳେ ଏହି ଦେଶରେ । ବ୍ୟାଙ୍କକର ସିଲୋମରୋଡସ୍ଥିତ ଶ୍ରୀ ନାରାୟଣ ମନ୍ଦିର ପ୍ରଶାସକ ତରଫରୁ ପ୍ରତିବର୍ଷ ମା ଦୁର୍ଗାଙ୍କ ନବରାତ୍ର ପର୍ବ ଆୟୋଜନ କରାଯାଏ । ହଜାର ହଜାର ହିନ୍ଦୁ ଓ ବୌଦ୍ଧାଧଲମ୍ବୀ ଏଥିରେ ଭାଗନିଅନ୍ତି । ସବୁଦିନେ ଭଜନ କୀର୍ତ୍ତନ ଓ ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନ ଲାଗିରହିବା ସହିତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥାଏ । ଉଦଯାପନ ଦିବସରେ ବିଭିନ୍ନ ସୁସଜ୍ଜିତ ସବାରୀରେ ମା ଦୁର୍ଗାଙ୍କ ବ୍ୟତୀତ ଲକ୍ଷ୍ମୀ, ଓ ସରସ୍ୱତୀ ଭଗବାନ ବିନାୟକ, କୃଷ୍ଣ, ଓ ସୁବ୍ରମଣ୍ୟମଙ୍କୁ ରଖାଯାଇ ମୁଖ୍ୟ ରାସ୍ତାରେ ପରିକ୍ରମା କରାଯାଏ ।

ଅପୂର୍ବ ଆଲୋକସଜ୍ଜା ସହିତ ପଟୁଆର ସମ୍ମୁଖରେ ସଂଗୀତ, ନୃତ୍ୟ, ଓ ରାମଲୀଳା ପ୍ରଦର୍ଶିତ ହୁଏ । ମାତ୍ର ୩ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ଏହା ସାତଘଣ୍ଟା ସମୟ ନେଇଥାଏ । ଏହା ଅପରାହ୍ନ ୪ଟା ରୁ ଆରମ୍ଭ ହୋଇ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚାଲିଥାଏ । ଏହା ଠିକ ଆମର ଦଶହରା ଭସାଣି ଯାତ୍ରା ଭଳି ତେବେ ମାଦୁର୍ଗାଙ୍କୁ ବିସର୍ଜନ କରାଯାଏ ନାହିଁ । ହିନ୍ଦୁମାନଙ୍କ ଅପେକ୍ଷା ବୌଦ୍ଧାଧଲମ୍ବୀ ଓ ବିଦେଶୀ ବହୁ ପରିମାଣରେ ଭାଗନିଅନ୍ତି । ଥାଇ ନୂଆବର୍ଷ ସୋଙ୍ଗକ୍ରାନ ଅପ୍ରେଲ ୧୩ ରେ, ଦେଶବ୍ୟାପୀ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଏ । ଏହା ଥାଇଲାଣ୍ଡର ମୁଖ୍ୟ ପର୍ବ । ଏହାକୁ ୩ ଦିନ ଧରି ପାଳନ କରାଯାଏ ।ଏହା ବ୍ୟତୀତ ଥାଇମାନେ ଆମଭଳି ୧୨ ମାସରେ ୧୩ ପର୍ବ ପାଳନ୍ତି।

ଅଭିନବ ପ୍ରାକୃତିକ ଶୋଭାରାଜିରେ ପରିପୂର୍ଣ୍ଣ ଥାଇଲାଣ୍ଡ ବିଶ୍ୱବ୍ୟାପୀ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିଥାଏ । ବାର୍ଷିକ ଅଣି ଲକ୍ଷରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ଥାଇଲାଣ୍ଡ ପରିଭ୍ରମଣ କରିଥାନ୍ତି । ସର୍ବମୋଟ ଆୟର ୬ ପ୍ରତିଶତ କେବଳ ପର୍ଯ୍ୟଟନରୁ ପ୍ରାପ୍ତ ହୋଇଥାଏ । ବ୍ୟାଙ୍କକସ୍ଥିତ ଓ୍ୱାଟ ଟ୍ରେମିତ ମନ୍ଦିରରେ ଅବସ୍ଥିତ ,ଖାଣ୍ଟି ସୁନାରେ ନିର୍ମିତ ବିଶ୍ୱର ସର୍ବବୃହତ ବୁଦ୍ଧମୂର୍ତ୍ତି (୫.୫ଟନ),ମେରିନ ପାର୍କ ଓ ସଫାରୀ ଓ୍ୱାର୍ଲ୍ଡ, ରାଜପ୍ରାସାଦ, ପଟ୍ଟାୟାବିଚ, ମ୍ୟୁଜିୟମ, ଫୋରଡିମୋସନ ଥିଏଟର, ଘୋଷ୍ଟ ଟନେଲ, କୋରାଲ ଆଇଲ୍ୟାଣ୍ଡ, ଫୁକେଟ ଆଇଲ୍ୟାଣ୍ଡ,, ନଖୋନ ପଥୋମ, ନୋଥାବୁରି, ଚିଆଙ୍ଗମାଇ, ରେଲେବିଚ କୋଫି, ମାୟାବେ, ଫୁକେଟ, ଖାଓ ନ୍ୟାସନାଲ ପାର୍କ, ସୁଖୋଥାଇ ଓଲଡସିଟି, ଐତିହାସିକ ଆୟୁଥା ସହର, ଏରାଓ୍ୱାନ ନ୍ୟାସନାଲ ପାର୍କ, ଓ ଜଳପ୍ରପାତ ଆଦି ଥାଇଲାଣ୍ଡର ପ୍ରମୁଖ ପର୍ଯ୍ୟଟନସ୍ଥଳ ଅଟେ।

ସହରର ନଭଶ୍ଚୁମ୍ବୀ ଅଟ୍ଟାଳିକା, ଶାନ୍ତ କୋଳାହଳ ଶୂନ୍ୟ ବେଳାଭୂମି, ଅପରୂପ ସୌନ୍ଦର୍ଯ୍ୟରେ ଭରା ପୁଷ୍ପ ବାଟିକା ଓ ପର୍ଯ୍ୟଟନ ସ୍ଥଳୀ ଓ ମଠମନ୍ଦିର ର ଗୁରୁଗମ୍ଭୀର ଧାର୍ମିକ ପରିବେଶ ପର୍ଯ୍ୟଟକଙ୍କୁ ବିମୋହିତ କରେ । ଥାଇଲାଣ୍ଡ ଭ୍ରମଣରେ ଏକ ନିଆରା ଅନୁଭବ ମିଳେ । ଏହି କ୍ଷୁଦ୍ର ରାଷ୍ଟ୍ରରେ ଅପର୍ଯ୍ୟାୟ ପର୍ଯ୍ୟଟନ ସ୍ଥଳୀ ରହିଛି । ୨ ସପ୍ତାହ ଭିତରେ ବି ସମଗ୍ର ଥାଇଲାଣ୍ଡର ସମସ୍ତ ଦର୍ଶନୀୟ ସ୍ଥାନ ବୁଲିବା ସମ୍ଭବ ନୁହେଁ । ୫ ଦିନ ରହଣି କାଳରେ ଆମେ କେବଳ ବ୍ୟାଙ୍କକ ଓ ପଟ୍ଟାୟା ସହର ଓ ନୀକଟବର୍ତ୍ତୀ ସ୍ଥାନ ଦେଖିବାକୁ ସକ୍ଷମ ହୋଇଥିଲୁ । ବର୍ଷସାରା ପର୍ଯ୍ୟଟନ ମାନଙ୍କ ଭିଡ ଲାଗି ରହିଥାଏ ।

ଆସନ୍ତୁ ଜାଣିବା ଥାଇଲାଣ୍ଡ ବିଷୟରେ କେତେକ ରୋଚକ ତଥ୍ୟ । ୫.୫ ଟନ୍ (୫୫୦୦ କିଲୋଗ୍ରାମ ) ଓଜନର ,ଖାଣ୍ଟି ସୁନାରେ ତିଆରି ଏହି ମୂର୍ତ୍ତିଟିର ବ୍ୟାସ ୧୨ ଫୁଟ ୫ ଇଞ୍ଚ । ଉଚ୍ଚତା ୩ ମିଟର ( ୯.୮ ଫୁଟ) । ମୂର୍ତ୍ତିର ମସ୍ତକଟି ଅଣ୍ଡାକୃତି । ଅସାଧାରଣ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ମୂର୍ତ୍ତି ଟି ୭୦୦ ବର୍ଷରୁ ଅଧିକ ବର୍ଷ ଧରି ଲୁକ୍କାୟିତ ଅବସ୍ଥାରେ ଥିଲା । ଶତ୍ରୁ ନଜରରୁ ଏଡାଇବା ପାଇଁ ଏହା ଉପରେ ବହଳ ସିମେଣ୍ଟ ପରସ୍ତ ଦିଆଯାଇ ଗୁପ୍ତ ରଖା ଯାଇଥିଲା । ଏହା ସମ୍ବନ୍ଧରେ କାହାପାଖରେ କୌଣସି ତଥ୍ୟ ନଥିଲା । ୨୫-୫-୧୯୫୫ ମସିହାରେ ଏହାକୁ ବ୍ୟାଙ୍କକ ସ୍ଥାନାନ୍ତର କଲାବେଳେ ଏହା ସୁନାରେ ନିର୍ମିତ ବୋଲି ଜଣାପଡିଥିଲା।

ଥାଇଲାଣ୍ଡର ରାଷ୍ଟ୍ରୀୟ ଚିହ୍ନ ଗରୁଡ଼, ରାଷ୍ଟ୍ରୀୟ ପଶୁ ହାତୀ ରାଷ୍ଟ୍ରୀୟ ପକ୍ଷୀ ସିଆମିଜ, ରାଷ୍ଟ୍ରୀୟ ଫୁଲ ଟ୍ରୁଲିପ, ଓ ରାଷ୍ଟ୍ରୀୟ ଫଳ ମ୍ୟାଙ୍ଗୋଷ୍ଟିନ ଅଟେ ।

୩ ଟି ରଙ୍ଗ ଓ ୫ ଟି ସମାନ୍ତରାଳ ପଙ୍କ୍ତି ବିଶିଷ୍ଟ ଜାତୀୟ ପତାକା ୨୮-୯-୨୦୧୭ ରୁ ପ୍ରଣୀତ ହୋଇଛି । ୫ଟି ପଙ୍କ୍ତିର ରଙ୍ଗ ଯଥାକ୍ରମେ ଲାଲ, ଧଳା, ନୀଳ,ଧଳା ଓ ଲାଲ, । ଏହାକୁ ଓଲଟାଇ ଟାଙ୍ଗିଲେ ମଧ୍ୟ ଏକାଭଳି ଦେଖାଯାଏ । ସକାଳ ୮ଟା ଓ ସନ୍ଧ୍ୟା ୬ ଟାରେ ଦିନକୁ ଦୁଇଥର ଜାତୀୟ ସଂଗୀତ ଗାନ କରାଯାଏ । ଏହି ସମୟରେ ସମସ୍ତେ ନିଜ ନିଜର କାର୍ଯ୍ୟରୁ ବିରତ ହୋଇ ରାଷ୍ଟ୍ରଗାନକୁ ସମ୍ମାନ ପ୍ରଦର୍ଶନ କରିଥାନ୍ତି ।

ଥାଇମାନେ ଶାନ୍ତି ପ୍ରିୟ ଓ ଅତିଥି ପରାୟଣ । ସେମାନେ ଆଦୌ ରାଗନ୍ତି ନାହିଁ କିମ୍ବା ବଡପାଟିରେ କଥା କହନ୍ତି ନାହିଁ । ସେମାନେ କାହାର ମସ୍ତିଷ୍କକୁ ସ୍ପର୍ଶ କରନ୍ତି ନାହିଁ । କାରଣ ସେମାନେ ମୁଣ୍ଡକୁ ଅତ୍ୟନ୍ତ ପବିତ୍ର ମାନନ୍ତି । ପାଦକୁ ଅପବିତ୍ର ମାନୁଥିବାରୁ ଟେବୁଲ ଉପରେ ଆଦୌ ଗୋଡ ରଖନ୍ତିନାହିଁ। ରାଜାଙ୍କୁ ଈଶ୍ୱରଙ୍କ ମାନ୍ୟତା ଦିଆଯାଏ । ଥାଇମୁଦ୍ରାରେ ରାଜାଙ୍କ ଫଟୋ ଥିବାରୁ ଏହାକୁ ତଳେ ନପକାଇବା ପାଇଁ ଯତ୍ନଶୀଳ ଥାଆନ୍ତି। ମନ୍ଦିର ଭିତରେ ପ୍ରବେଶ କଲାବେଳେ ସମଗ୍ର ଶରୀରକୁ ଆବୃତ କଲାଭଳି ବସ୍ତ୍ର ପ୍ରତି ଧ୍ୟାନ ଦିଆଯାଏ ।

ଥାଇଲାଣ୍ଡ ରାଜପରିବାରକୁ ବିଶ୍ୱର ସର୍ବଶ୍ରେଷ୍ଠ ଧନୀ ରାଜାର ମାନ୍ୟତା ଦିଆଯାଇଛି। ପୂର୍ବରୁ ଏହି ରେକର୍ଡ ବ୍ରୁନେଇ ରାଜାଙ୍କ ନାମରେ ଥିଲା । ମୂଳ ସଂସ୍କୃତ ଓ ପାଲିଭାଷାରେ ବ୍ୟାଙ୍କକ ସହରର ନାମ ବାସ୍ତବରେ ବହୁତ ଲମ୍ବା ଓ ବିଶ୍ୱର ସବୁ ସହରର ନାମଠାରୁ ଅଧିକ ଅକ୍ଷର ବ୍ୟବହୃତ ହୁଏ । ଏହାକୁ ସଂକ୍ଷିପ୍ତ କରାଯାଇ ବ୍ୟାଙ୍କକ ରଖାଯାଇଛି । ଦକ୍ଷିଣ ପୂର୍ବ ଏସିଆରେ ଥାଇଲାଣ୍ଡ ଏକମାତ୍ର ରାଷ୍ଟ୍ର ଯାହାକି ଅନ୍ୟ କୌଣସି ୟୁରୋପୀୟ ରାଷ୍ଟ୍ର ଦ୍ୱାରା ଶାସିତ ହୋଇନାହିଁ। ଥାଇଲାଣ୍ଡର ଅର୍ଥ ଖବଭୟ କୁଲ ପ୍ରଷର ଲନ୍ଦରର । ଆଗରୁ ସମସ୍ତ ଥାଇ ପୁରୁଷ ଅଧିବାସୀଙ୍କୁ କିଛି ଦିନ ପାଇଁ ବୌଦ୍ଧ ଭିକ୍ଷୁ ହେବା ବାଧ୍ୟତାମୂଳକ ମୂଳକ ଥିଲା । ୨୦ ବର୍ଷ ପୂର୍ବରୁ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଯାଉଥିଲା। ଆଧୁନିକ ଥାଇ ପରମ୍ପରାରେ ଏହା ବାଧ୍ୟତାମୂଳକ ନୁହେଁ।

ଥାଇଲାଣ୍ଡରେ ଜଙ୍ଗଲ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଏ ।ସେଥିପାଇଁ ଗଛକାଟିବା ଉପରେ ଶକ୍ତ କଟକଣା ଲଗାଯାଇଛି।

ଥାଇଲାଣ୍ଡରେ ବିଶ୍ୱର ସବୁଠାରୁ କ୍ଷୁଦ୍ର ସ୍ତନ୍ୟପାୟୀ ପ୍ରାଣୀଓ ସବୁଠାରୁ ଲମ୍ବା ସାମୁଦ୍ରିକ ମାଛ ଦୃଶ୍ୟମାନ ହୁଏ । ବମ୍ବଲିବି ନାମକ ଏକ କ୍ଷୁଦ୍ର ବାଦୁଡି ଯାହାର ଲମ୍ବ ୧ ଇଞ୍ଚ ଓ ଓଜନ ୨ ଗ୍ରାମ କେବଳ ଥାଇଲାଣ୍ଡର ରେ ଦେଖାଯାଏ । ଥାଇଲାଣ୍ଡ ଉପକୂଳରେ ସର୍ବାଧିକ ୪୦ ଫୁଟ ଲମ୍ବର ଡ୍ରାବକ୍ଷର ସାର୍କ ଦେଖାଯାଏ ।

ଥାଇଲାଣ୍ଡରେ ବିନା ସାର୍ଟରେ ଡ୍ରାଇଭିଙ୍ଗ ଓ ଥାଇ ମୁଦ୍ରାଉପରେ ପାଦରଖିବା ଧର୍ତ୍ତବ୍ୟ ଅପରାଧ ଅଟେ । ବେଶ୍ୟାବୃତ୍ତି ଆଇନସମ୍ମତ ଓ ପର୍ଯ୍ୟଟନରେ ଏହାକୁ ପ୍ରୋତ୍ସାହନ ଦିଆଯାଏ । ସମୁଦ୍ର ବେଳାଭୂମି,ହୋଟେଲ ବାର, କାସିନୋ, ଏପରିକି ରାସ୍ତାପାର୍ଶ୍ୱରେ ନୃତ୍ୟ ଗୀତର ଆସର ରାତିସାରା ଲାଗି ରହିଥାଏ ତେବେ ଥାଇଲାଣ୍ଡ ପର୍ଯଟକମାନଙ୍କ ପାଇଁ ଅତ୍ୟନ୍ତ ନିରାପଦ।



*ଭୁବନେଶ୍ୱର*
*ମୋବାଇଲ - ୭୯୭୮୪୨୦୪୯୩*

## ସଂପାଦକୀୟ

# ପାଚିଲା ଚୁଟି ପାଇଁ ପାଞ୍ଚ ଟଙ୍କା

ଆଜିର ଏହି ପ୍ରସଙ୍ଗଟି ଖୁବ୍ ମଜାଳିଆ । ଶୀର୍ଷକରୁ ଏହା ଜଣାପଡୁଥିଲେ ବି ଏହା ଜମା ଏକ ମଜାଳିଆ ପ୍ରସଙ୍ଗ ନୁହେଁ। ବରଂ ଏହା ଏକ ଗମ୍ଭୀର ପ୍ରସଙ୍ଗ ବୋଲି ପ୍ରଥମରୁ କହି ରଖୁଛି। ସିଧା ପ୍ରସଙ୍ଗ ଭିତରକୁ ଯିବା। ପୁରୁଣା କାଳର କିଛି ଲୋକ କହିଥାନ୍ତି ଆମ ଓଡ଼ିଆ ଲୋକମାନେ ବ୍ୟବସାୟ ପାଇଁ ଉପଯୁକ୍ତ ନୁହନ୍ତି। କାରଣ ବ୍ୟବସାୟ ଆରମ୍ଭ କରି ମାଲିକ ହେଉ ହେଉ ବେପାରରୁ ଲାଭ ଆସିବା ପୂର୍ବରୁ ସେମାନେ ନିଜ ପାଇଁ ଗାଡ଼ିଘୋଡା ସହିତ ଅନେକ ବିଳାସ ବ୍ୟସନ ସାମଗ୍ରୀ କିଣିଦେଇଥାନ୍ତି। ଯାହାର ଫଳ ସ୍ୱରୂପ ବେପାର କ୍ଷତି ଆଡ଼କୁ ଚାଲିଯାଇଥାଏ। ଏହାର ଅର୍ଥ କଦାପି ନୁହେଁ ଯେ ସମସ୍ତ ଓଡ଼ିଆ ବେପାରୀ ଏହି ଭଳି। ଅନେକ ଓଡ଼ିଆ ସଫଳ ଉଦ୍ୟୋଗୀ ମଧ୍ୟ ବ୍ୟବସାୟ କରି ଦେଶବିଦେଶରେ ଓଡ଼ିଶା ପାଇଁ ସୁନାମ ଆଣିବାର ଅନେକ ନଜିର ଅଛି, ସୁତରାଂ ବ୍ୟବସାୟ କରିବା ନିମନ୍ତେ ଅନେକ କିଛି ଦିଗ ଉପରେ ଧ୍ୟାନ ଦେଇ ଆଗକୁ ବଢିବା ବିଧେୟ। ନିକଟରେ ଆମ ମୁଖ୍ୟମନ୍ତ୍ରୀ ମହୋଦୟ ବଡ ବଡ 'ଆମ ବସ'କୁ (ପୂର୍ବର ମୋ' ବସ) କାଟି ଛୋଟ କରାଯିବା ଘୋଷଣା କରିଛନ୍ତି। ଏବେ ଆସିବା ଆଜିର ଶୀର୍ଷକକୁ। କିଛି ଦିନ ତଳେ ଆମ ରାଜ୍ୟ ସରକାରଙ୍କ ପରିବହନ ସେବାର ମାନ ଜାଣିବା




ନିମନ୍ତେ ଆମ ବସରେ ଯାତ୍ରା କରିବାକୁ ଯାଇଥାଏ। ଆମ ବସ ଚଢିବା ଛକରୁ ଏସି ବସରେ ମୋତେ ସିଟ ଖଣ୍ଡିଏ ବି ମିଳିଗଲା। କିଛି ସମୟ ପରେ ଗାଡ଼ିର କଣ୍ଡକ୍ଟର ମୋତେ ଆସି କେଉଁଠିକୁ ଯିବେ ବୋଲି ପଚାରିଲେ। ମୁଁ ମାଷ୍ଟର କ୍ୟାଣ୍ଟିନ୍ ପର୍ଯ୍ୟନ୍ତ ଯିବି କହି ସାରିବା ପରେ ସେ ମୋତେ ପ୍ରଥମେ ପାଦ ଠାରୁ ଆରମ୍ଭ କରି ମୁଣ୍ଡ ପର୍ଯ୍ୟନ୍ତ ଟିକେ ଆଖି ବୁଲାଇବା ପରେ ୫ଟଙ୍କା ଦିଅନ୍ତୁ ବୋଲି କହିଲେ। ଏସି ବସରେ ଏତେ କମ ଭଡା ଶୁଣି ମତେ ଆଶ୍ଚର୍ଯ୍ୟ ଲାଗିଲା। ବସରେ ଟିକେ ପତଳା ଗହଳି ଥିବାରୁ ମୁଁ ଆଉ କିଛି ପ୍ରଶ୍ନ ନପଚାରି ୫ଟଙ୍କା ଦେଇଦେଇଥିଲି ଓ ଟିକେଟଟି ସଂଗ୍ରହ କରିନେଇଥିଲି। ମନେମନେ କେବଳ ସେହି କଥା ଭାବୁଥାଏ ବସ ଭଡା ଏତେ କମ୍ କେମିତି ? ମୋ ଛକରୁ ୭ଟି ରହଣୀ ସ୍ଥଳ ପରେ ଯାଇ ମାଷ୍ଟର କ୍ୟାଣ୍ଟିନ ଛକ ଆସିବ। ଅନେକ କଥା ଓ କାରଣ ଭାବୁ ଭାବୁ ବସ ଯାଇ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ଯାଇଥାଏ। ମୁଁ ମାଷ୍ଟର କ୍ୟାଣ୍ଟିନ ବାହାରେ ନ' ଓହ୍ଲାଇ ବସ ଷ୍ଟାଣ୍ଡ ଭିତରକୁ ଗଲି। ସେତେବେଳକୁ ବସରୁ ପ୍ରାୟ ସମସ୍ତ ଯାତ୍ରୀ ଓହ୍ଲାଇ ପଡିଥାନ୍ତି। କଣ୍ଡକ୍ଟର ବାବୁ ଗୋଟିଏ ସିଟରେ ବସି ଟିକେଟ ମେସିନକୁ କଣ ଟିପାଟିପି କରି ତନଖି କରି ପଇସା ହିସାବ କରୁଥାନ୍ତି। ମୁଁ ତାଙ୍କ ନିକଟକୁ ଯିବାରୁ ସେ ହୁଏତ ଭାବିଦେଲେ ଯେ ମୁଁ ବୋଧେ ଟିକେଟ କରିବା ପାଇଁ ଅଧିକ ପଇସା (ବଡ଼ ନୋଟ) କିଛି ଦେଇଥିଲି ଓ ବଳକା ପଇସା ଫେରି ପାଇବାର ଅଛି, ଯାହାକି ସାଧାରଣତଃ ସେ ଟିକେଟ ପଛ ପଟେ ଲେଖିଦେଇଥାନ୍ତି। ସେଥିପାଇଁ ସେ ମୋତେ ଟିକେଟଟି ମାଗିଲେ ଓ କେତେ ପଇସା ପାଇବେ ବୋଲି ପ୍ରଶ୍ନ କଲେ। ମୁଁ ତାଙ୍କୁ ପଇସା ଫେରି ପାଇବାର ନାହିଁ ବୋଲି ମନା କରିବା ସହିତ ଏତେ ସୁଦୀର୍ଘ ବସ ଯାତ୍ରା ପାଇଁ ମାତ୍ର ୫ଟଙ୍କା ଆପଣ କେମିତି ନେଲେ ବୋଲି ପ୍ରଶ୍ନ କରିଥିଲି। ତୁରନ୍ତ ମୋ ହାତରୁ ଟିକେଟଟି ଭିଡ଼ି ନେଇ ସେ ଦେଖିବା ପରେ ମୋତେ ପୁନଃ ମୋର ବସ ଚଢିବା ସ୍ଥାନ ପଚାରି ଥିଲେ ଓ ଶୁଣିସାରିବା ପରେ କହିଲେ ଠିକ୍ ଭଡା ତ ମୁଁ ନେଇଛି, ଭୁଲ୍ ପୁଣି ମୋର କୋଉଠି ରହିଲା ? ଆପଣ ବୋଧେ ଜାଣି ନାହାନ୍ତି ବରିଷ୍ଠ ନାଗରିକମାନଙ୍କ ପାଇଁ ସରକାର ଅଧା ଭଡାର ସୁବିଧା କରିଛନ୍ତି। ଆପଣଙ୍କ ଟିକେଟ ଦେଖନ୍ତୁ ସେଥିରେ ସିନିୟର୍ ବୋଲି ଉଲ୍ଲେଖ ରହିଛି। ମୁଁ ତ ବରିଷ୍ଠ ନାଗରିକ ନୁହେଁ ବୋଲି କହିବା ପରେ ସେ ପୁଣିଥରେ ମୋ ପାଦ ଠାରୁ ଆରମ୍ଭ କରି ମୁଣ୍ଡ ପର୍ଯ୍ୟନ୍ତ ଆଖି ବୁଲାଇ ଦେଇ କହିଲେ ଆପଣଙ୍କ ଚୁଟି ତ ସବୁ ପାଚିଲା, ସେଥିପାଇଁ ମୁଁ ସିନିୟର୍ ସିଟିଜେନଙ୍କ ପାଇଁ ଉଦ୍ଦିଷ୍ଟ ଭଡ଼ା ନେଇଗଲି। କହିସାରି ପୁଣି କହିଥିଲେ ଆପଣଙ୍କର ଭଲ ଲାଭ ହେଲା, ୫ଟଙ୍କା ବଞ୍ଚିଗଲା। ଆପଣ ମନ ଦୁଃଖ କରୁଛନ୍ତି କାହିଁକି ? ହସିହସି ପୁଣି କହିଲେ ଚୁଟି କଳା କରି ଦିଅନ୍ତୁ ସାର୍ । ବରିଷ୍ଠ ନାଗରିକ ଚିହ୍ନି ନିର୍ଦ୍ଧାରିତ ଭଡା ମାଗିବା ପାଇଁ ଯଦି ପାଚିଲା ଚୁଟିକୁ ଆଧାର କରି 'ଆମ ବସ'ର କଣ୍ଡକ୍ଟରମାନେ ଏମିତି ଧାରା ବଜାୟ ରଖିବେ ତେବେ ଓଆରଟି, ଓଏସଆରଟିସି ଭଳି ଏହି 'ଆମ ବସ' ପରିବହନ ସରକାରୀ ବ୍ୟବସ୍ଥା ବି ଦିନେ କ୍ଷତି ଆଡ଼କୁ ଚାଲିଯିବ। ମୋର କିଛି ବନ୍ଧୁମାନଙ୍କୁ ଏକଥା କହିବାରୁ ସମସ୍ତେ ସବୁ ଶୁଣି କହିଲେ 'ପାଚିଲା ଚୁଟି ପାଇଁ ପାଞ୍ଚ ଟଙ୍କା'।



**ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍ଆପ୍) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ : କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ଆଧ୍ୟାତ୍ମିକ ଚେତନା ଓ ଯୁବ ପିଢ଼ି



ମନସ୍ୱିନୀ ସାହୁ

ମଣିଷ ଏକ ବୌଦ୍ଧିକ ପ୍ରାଣୀ । ଜନ୍ମରୁ ମରଣ ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ବୁଦ୍ଧି ଉନ୍ନତ ହେବା ଭଳି ଚିନ୍ତାଶକ୍ତିକୁ ପ୍ରଖର କରି ଚୈତନ୍ୟ ଉଦୟ ହେବା ଆବଶ୍ୟକ । ଶୈଶବ, କୈଶୋର, ଯୁବା ଏବଂ ବାର୍ଦ୍ଧକ୍ୟ ଅବସ୍ଥା ସମସ୍ତ ସ୍ତରରେ ଆଧ୍ୟାତ୍ମିକ ଭାବର ମୂଲ୍ୟ ରହିବା କଥା,ଏହା ବର୍ତ୍ତମାନ ହୃଦୟଙ୍ଗମ କରିବାର ସମୟ । ଚେତନା ଏକ ଏପରି ଉନ୍ନତ ଶକ୍ତି, ଯାହାକି ମଣିଷକୁ ଭଲ ମନ୍ଦର ବିଚାର କରାଏ । ସୁକର୍ମ ନିମିତ୍ତ ସମାଜର ପାରିପାର୍ଶ୍ୱିକ ପରିସ୍ଥିତି ଖୋରାକ୍ ଯୋଗାଏ କିନ୍ତୁ ଆଜିର ଯୁବ ପିଢ଼ି ଅଧିକାଂଶ ସମୟରେ ବିପଥଗାମୀ ହେବାର ଲକ୍ଷ୍ୟ କରାଯାଉଛି । କେବଳ ଶିକ୍ଷା ମଣିଷକୁ ଉତ୍ତମ କରିନଥାଏ, ବୌଦ୍ଧିକ ଚିନ୍ତାଧାରା ସର୍ବୋତ୍ତମ ସୋପାନରେ ଆରୋହଣ କରିବାରେ ସହାୟକ ହୁଏ । ଏକ ଅଦୃଶ୍ୟ ଅଲୌକିକସତ୍ତା ଆମର ସ୍ରଷ୍ଟା ।କେଉଁ ସୂତ୍ରରେ ଆମେ ଧରା ପୃଷ୍ଠରେ ବିଚରଣ କରୁଛେ, ଜୀବନ ଧାରଣ କରିଛେ, ଆମର ଜନ୍ମ ଯେ ଆମର ସମାଜର କଲ୍ୟାଣ ନିମିତ୍ତ ଉଦ୍ଦିଷ୍ଟ ତାହା ଚେତନା ଶକ୍ତି ହିଁ ହୃଦବୋଧ କରାଇପାରେ । ଜନସେବା, ଦୀନ ଦୁଃଖୀଙ୍କର ସହାୟତା କରିବା, ସତ୍ୟ ଆଚରଣ, ସ୍ୱଚ୍ଛ ଏବଂ ସଚ୍ଚୋଟ ଜୀବନ ଯାପନ ଆମର ମୂଳଲକ୍ଷ୍ୟ ବୋଲି ଦୃଢ଼ ସଂକଳ୍ପ ନେଇ ଯୁବପିଢ଼ି ଆଗେଇବାକୁ ହେଲେ ଆଧ୍ୟାତ୍ମିକ ବିଶ୍ୱାସ ଆବଶ୍ୟକ । ଆଧ୍ୟାତ୍ମିକ ଚିନ୍ତା ଅପରିହାର୍ଯ୍ୟ । ଆତ୍ମା ଏବଂ ପରମାତ୍ମାଙ୍କର ସତ୍ତା ଉପଲବ୍ଧି କରି ନିଜର ଅସ୍ତିତ୍ୱକୁ ବିକଶିତ କରି ମଙ୍ଗଳକର କର୍ମରେ ଉତ୍ସର୍ଗ ନ କଲେ ଜୀବନ ଯେ ବୃଥା, ତାହା ଶୈଶବରୁ ବାଲ୍ୟାବସ୍ଥାରୁ ଚେତନାସିକ୍ତ କରାଯାଇ ପାରିଲେ ବିଶ୍ୱ ଏକ ନୂତନ ପିଢ଼ି ଲାଭ କରିବ। ଦୈବୀଗୁଣ ସମ୍ପନ୍ନ ମାନବ ଜାତି ଏକ ଦୁର୍ଲ୍ଲଭ ଯୁଗ ନିର୍ମାଣ କରିବ ନିଃସନ୍ଦେହ । ଉତ୍ତମ ଆଚରଣ, ସଂଯମତା, ନମ୍ର ବ୍ୟବହାର, ଶୃଙ୍ଖଳିତ ଜୀବନଯାପନ ନିମିତ୍ତ ଶିକ୍ଷା କ୍ଷେତ୍ର ଠାରୁ ଗୃହ ମଧ୍ୟରେ ପରିବାରବର୍ଗଙ୍କର ଦାୟିତ୍ୱବୋଧ ରହିଛି।

ଯୁବପିଢ଼ି ସତ୍ୟନିଷ୍ଠ, ଦୃଢ଼ମନା ହେଲେ କୌଣସି କୁକର୍ମ, ଅପକର୍ମ ସଂଘଟିତ ହେବ ନାହିଁ । କେବଳ ଯୁବପିଢ଼ି ହିଁ ଦୁଇଟି ପିଢ଼ିଙ୍କୁ (ବୟୋଜ୍ୟେଷ୍ଠ ଏବଂ କନିଷ୍ଠ ) ସମ୍ଭାଳି ପାରି କାଳ କାଳ ମହାକାଳର ଏକ ସ୍ୱର୍ଣ୍ଣିମ ଯୁଗ ଅବସ୍ଥାପିତ କରିବ ଏହା ବର୍ତ୍ତମାନ ସମୟ ନିମନ୍ତେ ଅତ୍ୟନ୍ତ ଜରୁରୀ ।

ଯୋଗ, ଧ୍ୟାନ , ମନନ , ଭଜନ, ପୂଜନ ଇତ୍ୟାଦି କିଛି ମାତ୍ରାରେ ଜୀବନ ଶୈଳୀରେ ପରିଚର୍ଯ୍ୟା କରାଯାଇ ପାରିଲେ, ଆଗାମୀ ପିଢ଼ି ଶାଶ୍ୱତ, ସୁନ୍ଦର ଏବଂ ନୈସର୍ଗିକ ଭାବ ଉପଲବ୍ଧି କରି ପାରିବ । ସତ୍ୟରେ ଜୀବନ, ଶାନ୍ତିରେ ପ୍ରାଣ ଉତ୍ଫୁଲ୍ଲିତ ହେଲେ ହିଁ ପରମ ଆନନ୍ଦ ପ୍ରାପ୍ତି ହେବ । ଯୁବ ପିଢ଼ି ଆଧ୍ୟାତ୍ମିକତାର ଅମୃତ ପାନ ନ କଲେ ପରିବର୍ତ୍ତିତ ବିକାଶଶୀଳ ଆଗାମୀ ସମୟ ଉଜ୍ଜ୍ୱଳମୟ ତଥା ଗୌରବମୟ ହେବା ସହଜେ ସମ୍ଭବ ନୁହେଁ । – ଭୁବନେଶ୍ୱର

ମୋକ୍ଷପର୍ବ ଉତ୍ତରାୟଣ

# ୧ ଭୀଷ୍ମଙ୍କ ମହାପ୍ରୟାଣ

ଅର୍ଜ୍ଜୁନୀ ଚରଣ ବେହେରା

**ଧର୍ମେଚାର୍ଥେ ଚ କାମେଚ ମୋକ୍ଷେଚ ଭରତର୍ଷଭ ।**
**ଯଦିହାସ୍ତୀ ତଦନ୍ୟତ୍ର ଯନ୍ନେ ହାସ୍ତୀ ନ କୁତ୍ରଚିତ ॥**

ଧର୍ମ, ଅର୍ଥ, କାମ, ମୋକ୍ଷ ହେଉଛି ମହା ଭାରତୀୟ ଜୀବନଧାରାର ଚାରିଗୋଟି ପ୍ରଧାନ ପୁରୁଷାର୍ଥ । ସେ ସମସ୍ତ ବିଷୟରେ ଏଥିରେ (ମହାଭାରତରେ) ଯାହା ଅଛି, ତାହା ଅନ୍ୟ କେଉଁଠାରେ ଥାଇପାରେ କିନ୍ତୁ ଏଥିରେ ଯାହା ନାହିଁ, ତାହା ଅନ୍ୟ କେଉଁଠି ନାହିଁ। ଏହି କଥାଟିକୁ ସରଳ ଭାଷାରେ କୁହାଗଲା 'ଯାହା ନାହିଁ ଭାରତେ ତାହା ନାହିଁ ମରତେ'। ମହାକାବ୍ୟ ମହାଭାରତ ହେଉଛି ଏହି ଭଳି ଏକ ଅମୁଲ୍ୟ ଗ୍ରନ୍ଥ ଯାହା ପଞ୍ଚମ ବେଦ ଭାବେ ପରିଚିତ । ସେହି ମହା ଗ୍ରନ୍ଥରୁ କଥାଟିଏ :-

ମହାଭାରତ ଯୁଦ୍ଧରେ ପିତାମହ ଭୀଷ୍ମ ଅର୍ଜୁନଙ୍କ ବାଣରେ ଧରାଶାୟୀ ହେଲେ । ତାଙ୍କ ଅନୁରୋଧ ରକ୍ଷାକରି ଧନଞ୍ଜୟ ନିଜର ଅସ୍ତ୍ର ବିଦ୍ୟା ବଳରେ ଏକ ଶରଶଯ୍ୟା ପ୍ରସ୍ତୁତ କରି ଦେଲେ । ପିତାମହ ସେଇଠି ଶୋଇ ରହିଲେ । ଭୀଷଣ ପ୍ରତିଜ୍ଞାଧାରୀ ଭୀଷ୍ମ ଥିଲେ ପିତା ଶାନ୍ତନୁଙ୍କଠାରୁ ଇଚ୍ଛାମୃତ୍ୟୁ ବର ପ୍ରାପ୍ତ ଓ ଅଷ୍ଟବସୁମାନଙ୍କ ମଧ୍ୟରୁ ଅନ୍ୟତମ । ସେ ସେଇଠି ଶୋଇରହି ସୂର୍ଯ୍ୟଙ୍କ ଉତ୍ତରାୟଣ ମାର୍ଗକୁ ଅପେକ୍ଷା କରି ରହିଲେ । ଉତ୍ତରାୟଣ କାଳରେ, ବିଶ୍ୱାସ ରହିଛି, ଏହି ମର୍ତ୍ତ୍ୟଲୋକ ଛାଡ଼ିଲେ ଆଉ ପୁନର୍ବାର ଫେରିବା ପାଇଁ ପଡ଼ି ନଥାଏ । ପିତାମହ ତେଣୁ ଏହି ସମୟକୁ ଶରୀର ତ୍ୟାଗର ଉପଯୁକ୍ତ ମୁହୂର୍ତ୍ତ ବୋଲି ବାଛି ନେଇ ଥିଲେ । କୁରୁକ୍ଷେତ୍ରର ରଣ ଭୂମିରେ ପୁଣ୍ୟତୋୟା ଓଘବତୀ ନଦୀ ତଟ ଶରଶଯ୍ୟାରେ ପଡ଼ି ପ୍ରାପ୍ତ ଦିବ୍ୟଦୃଷ୍ଟି ବଳରେ ସେ ସମସ୍ତ ମହାଭାରତ ଯୁଦ୍ଧର ବିବରଣୀକୁ ଜାଣିପାରୁ ଥିଲେ ।

ପିତାମହ ଶରଶଯ୍ୟାରେ ଶାୟିତଥିବା ଅବସ୍ଥାରେ ଦିନେ ଧର୍ମରାଜ ଯୁଧିଷ୍ଠିର କୃଷ୍ଣଙ୍କ ପାଖରେ ଯାଇ ପହଞ୍ଚି ଆଶ୍ଚର୍ଯ୍ୟ ହୋଇ ଦେଖିଲେ, ପ୍ରଭୁ ଶ୍ରୀକୃଷ୍ଣ ଧ୍ୟାନରତ । ଯୁଧିଷ୍ଠିର ପାଖରେ ପହଞ୍ଚି ଯଥାମାନ୍ୟ କରି କହିଲେ, କେଶବ ! ଆପଣ ତ ଏ ତ୍ରିଲୋକ ପୂଜିତ ନାରାୟଣ । ଆପଣଙ୍କୁ ସମସ୍ତେ ଧ୍ୟାନ କରିଥାନ୍ତି । ପୁଣି ଆପଣ କାହାଠାରେ ଧ୍ୟାନ କରୁଛନ୍ତି ? କୃଷ୍ଣ କହିଲେ, 'ଦୀପ୍ତ ଅଗ୍ନି ଲିଭି ଯାଉଥିବା ପରି ଭୀଷ୍ମ ପିତାମହଙ୍କ ଜୀବନ ପ୍ରଦୀପ ଲିଭି ଆସୁଛି । ସେ ପରମଜ୍ଞାନୀ । ଧର୍ମନୀତି, ରାଜନୀତି ଆଦିରେ ତାଙ୍କ ଜ୍ଞାନର ତୁଳନା ନାହିଁ । ପିତାମହ ଚାଲିଗଲା ପରେ, ଏହି ସମସ୍ତ ଜ୍ଞାନ ଏ ସଂସାରରୁ ଅସ୍ତମିତ ହୋଇଯିବ । ଚନ୍ଦ୍ରମା ଅସ୍ତ ଗଲେ, ରଜନୀ ତେଜ ହୀନ ହୋଇଯିବା ପରି ପିତାମହଙ୍କ ପ୍ରୟାଣରେ ସଂସାରର ସେହି ଅବସ୍ଥା ହିଁ ହେବ, ଏହି କଥା ଭାବି ମୁଁ ସେହି ପରମ ଜ୍ଞାନୀଙ୍କୁ ଧ୍ୟାନ କରୁଛି । ହେ ଧର୍ମ ନନ୍ଦନ, ଆପଣ ଶୀଘ୍ର ଯାଇ ପିତାମହଙ୍କ ନିକଟରୁ ସେ ସବୁ ଜ୍ଞାନକୁ ଶ୍ରବଣ ଏବଂ ଆହରଣ କର ।' ଯୁଧିଷ୍ଠିର କହିଲେ, 'ହେ ମଧୁସୂଦନ ! ମୁଁ ଜାଣିଛି ଉତ୍ତରାୟଣ ସମୟ ଉପସ୍ଥିତ ହେଲେ ପିତାମହ ମହାପ୍ରୟାଣ କରିବେ । ଆପଣଙ୍କର ଉପଦେଶ ଅନୁଯାୟୀ ମୁଁ ତାଙ୍କ ନିକଟକୁ ଯିବି । ଆପଣ ମଧ୍ୟ ମୋ ସହିତ ଚାଲନ୍ତୁ ।'

ତତପରେ ପଞ୍ଚପାଣ୍ଡବ, ଶ୍ରୀକୃଷ୍ଣ, ସାତ୍ୟକି, ସଞ୍ଜୟ, ଯୁଯୁତ୍ସୁ ଓ କୃପାଚାର୍ଯ୍ୟ ସାଥୀ ହୋଇ ପିତାମହଙ୍କ ନିକଟରେ ପହଞ୍ଚିଲେ । ସେତେବେଳକୁ ବ୍ୟାସାଦି ମୁନି ଋଷିମାନେ ପିତାମହଙ୍କ ନିକଟରେ ପହଞ୍ଚି ସାରିଥାନ୍ତି । ସେମାନେ ପିତାମହଙ୍କ ଚରଣବନ୍ଦନା କରୁଥାନ୍ତି । ଭଗବାନ ଶ୍ରୀକୃଷ୍ଣ ସମସ୍ତ ମୁନି ଋଷିମାନଙ୍କ ଚରଣରେ ପ୍ରଣାମ କରି, ତାଙ୍କର କୁଶଳ ଜିଜ୍ଞାସା କଲେ । ତପୂରେ ସେ ପିତାମହଙ୍କ ଚରଣ ବନ୍ଦନା କରି କହିଲେ,'ହେ ବିଶ୍ୱବନ୍ଦନୀୟ, ପରମ ଜ୍ଞାନୀ ! ବତ୍ସ ଯୁଧିଷ୍ଠିର ଆତ୍ମୀୟ ସ୍ୱଜନ, ଆଚାର୍ଯ୍ୟ ଗୁରୁଜନଙ୍କୁ ହରାଇ, ବିଭୀଷିକା ମୟ କୁରୁକ୍ଷେତ୍ର ଯୁଦ୍ଧ ପରେ ଅତ୍ୟନ୍ତ ଶଙ୍କାଗ୍ରସ୍ତ, ଶୋକ ଗ୍ରସ୍ତ ଏବଂ ମ୍ରିୟମାଣ ହୋଇ ପଡ଼ିଛନ୍ତି । ଆପଣ ତାଙ୍କ ଶୋକ ଦୂର କରି ଜ୍ଞାନୋପଦେଶ ଦିଅନ୍ତୁ ।' ***(କ୍ରମଶଃ...)***

ମୋ – ୭୬୯୩୦୯୧୯୭୧



# ନିଲମ୍ବନ ପଛରେ ଥାଇପାରେ ଷଡ଼ଯନ୍ତ୍ର : ବିଜୟ

**ଭୁବନେଶ୍ୱର (ଭିଓଭି) :** ପୁଅ ଅରବିନ୍ଦ ମହାପାତ୍ରଙ୍କ ନିଲମ୍ବନ ପରେ ମୁହଁ ଖୋଲିଲେ ବାପା ବିଜୟ ମହାପାତ୍ର। କହିଲେ, ଯେଭଳି ଭାବେ ଏହି ଘଟଣା ଘଟିଲା, ମୁଁ ଚକିତ । ଚାଲି ନଜାଣି ବାଟର ଦୋଷ ପରି ଘଟଣା ଘଟିଛି । ନିଲମ୍ବନର କାରଣ କଣ ଥିଲା କେମିତି ଜାଣିବୁ । ନିଲମ୍ବର ପଛରେ କିଛି ଅଦୃଶ୍ୟ ଶକ୍ତି ଥାଇପାରେ । ଯେଉଁ ଅଭିଯୋଗ କରିଛନ୍ତି, ତାହାକୁ ପ୍ରମାଣିତ କରିବା ଦରକାର । ଅରବିନ୍ଦ ନିଶ୍ଚିତ ନିଲମ୍ବର କାରଣ ଜାଣିବାକୁ ଚାହିଁବ । ନିଲମ୍ବନ ପଛରେ ଥାଇପାରେ ଷଡ଼ଯନ୍ତ୍ର। ଆଉ ଏକ ମହଲରେ ଚର୍ଚ୍ଚା ହେଉଛି ଯେ ଅରବିନ୍ଦଙ୍କ ବାପା ବିଜୟ ମହାପାତ୍ର ଏବେ କିଛି ବଡ଼ ରାଜନୈତିକ ପଦକ୍ଷେପ ନେବାକୁ ଅଭିଯାନ ଚଳାଇଛନ୍ତି । ବିଭିନ୍ନ ସ୍ଥାନକୁ ଯାଇ ସ୍ଥାନୀୟ ନେତାଙ୍କ ସହ ଆଲୋଚନା କରୁଛନ୍ତି। ତାହାକୁ ନଜରରେ ରଖି ଅରବିନ୍ଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ବିଜୟଙ୍କୁ ଚେକ୍ ଦେବାକୁ ଉଦ୍ୟମ କରାଯାଇଛି । ୨୬ ବର୍ଷ ତଳେ ଅର୍ଥାତ ୨୦୦୦ ମସିହାରେ ବିଜୟଙ୍କୁ ବିଜେଡିରୁ ନିଲମ୍ବନ କରିଥିଲେ ନବୀନ । ବିଜୟଙ୍କ ପୁଅ ଅରବିନ୍ଦ ବିଜେଡିରେ ଯୋଗ ଦେଇଥିଲେ ବି ବିଜୟ ବିଜେଡିକୁ ଫେରିନାହାନ୍ତି କି ନବୀନ ନିବାସ ଯାଇନାହାନ୍ତି । ବିଜେଡିର ଦୁଇ ବିଧାୟକ ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ରଙ୍କୁ ନିଲମ୍ବନ ପରେ ଦଳରେ କମ୍ପନ ସୃଷ୍ଟି ହୋଇଛି। ଦଳବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବନ କରାଯାଇଥିବା ବିଜେଡି ପକ୍ଷରୁ କୁହାଯାଇଛି । କିନ୍ତୁ କ'ଣ ସେହି ଦଳବିରୋଧୀ କାର୍ଯ୍ୟ, ତାହା ଜଣାପଡିନାହିଁ । ରହସ୍ୟଘେରରେ ଅରବିନ୍ଦ ମହାପାତ୍ରଙ୍କ ନିଲମ୍ବନ। ଗତ ୨୪ ବର୍ଷରେ କେନ୍ଦୁଝର ଜିଲ୍ଲାର ସେମିତି କୌଣସି ଆଖିଦୃଶିଆ ବିକାଶ ହୋଇନାହିଁ ବୋଲି କିଛି ଦିନ ତଳେ ସନା ମହାକୁଡ଼ କହିଥିଲେ । ସେଥିପାଇଁ ତାଙ୍କୁ ନିଲମ୍ବନ କରାଯାଇଥିବା ଅନୁମାନ କରାଯାଉଛି । କିନ୍ତୁ ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ରଙ୍କୁ କାହିଁକି ନିଲମ୍ବନ କରାଗଲା, ତାହା ଜଣାପଡିନାହିଁ ।

# ଅରବିନ୍ଦଙ୍କ ନିଲମ୍ବନର କାରଣ କହିଲା ବିଜେଡି

**ଭୁବନେଶ୍ୱର (ଭିଓଭି) :** ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ନିଲମ୍ବନ ପରେ, ତାଙ୍କ ନିଲମ୍ବନ ପଛର କାରଣ କହିଛି ବିଜେଡି । ଦଳର ସାଧାରଣ ସମ୍ପାଦକ ଅମରେଶ ପତ୍ରୀଙ୍କ କହିବା ଅନୁସାରେ, ୨୨ ମାସ ହେଲା ଗୁଇନ୍ଦା ରିପୋର୍ଟ ନିଆଯାଉଥିଲା । ଆଉ ଏଥିରୁ ଜଣାପଡ଼ିଥିଲା ଯେ, ଟିକେଟ୍ ନେବା ପରଦିନଠୁ ଦଳ ସହ ଅରବିନ୍ଦ ମହାପାତ୍ର ବିଶ୍ୱାସ ଘାତକତା କରିଥିଲେ । ସାଂସଦ ପ୍ରାର୍ଥୀଙ୍କୁ ହରାଇବାକୁ ଷଡ଼ଯନ୍ତ୍ରର ମଙ୍ଗ ଧରିଥିଲେ ଅରବିନ୍ଦ । ନିଜ କାର୍ଯ୍ୟକ୍ରମରେ ଦଳୀୟ ଚିହ୍ନ ଆଉ ସଭାପତି ନବୀନ ପଟ୍ଟନାୟକଙ୍କ ଫଟୋ ବି ରଖୁନଥିଲେ । ଖାଲି ସେତିକି ନୁହେଁ, ପଞ୍ଚାୟତରେ ଦଳ ଲୋକଙ୍କୁ ହଟାଇ ନିଜ ଲୋକଙ୍କୁ ଅରବିନ୍ଦ ରଖୁଥିଲେ ବୋଲି ଅଭିଯୋଗ କରିଛନ୍ତି ବିଜେଡି ସାଧାରଣ ସମ୍ପାଦକ ।

ଅମରେଶ ପତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ଯୁବ ପ୍ରତିଭାଙ୍କୁ ନବୀନ ପଟ୍ଟନାୟକ ଅନେକ ସମୟରେ ସୁଯୋଗ ଦେଇଛନ୍ତି ।




ଆଗକୁ ବଢ଼ିବାକୁ ଦଳର ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ମଧ୍ୟ ରଖିଛନ୍ତି। କିନ୍ତୁ ଦୁର୍ନୀତି ଓ ବିଶ୍ୱାସଘାତକ କାରଣରୁ ଦୁଇ ବିଧାୟକଙ୍କୁ ନିଲମ୍ବନ କରାଯାଇଛି । ବିନା ତଥ୍ୟରେ ଦଳର ସଭାପତି ନିଷ୍ପତି ନିଅନ୍ତିନି ବୋଲି ସେ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ଅରବିନ୍ଦ କେବଳ ଦଳ ସହ ବିଶ୍ୱାସଘାତକ କରିନାହାନ୍ତି ବରଂ ପାଟକୁରାବାସୀଙ୍କ ସହ କରିଛନ୍ତି। ୨୫ ବର୍ଷ ତଳେ ତାଙ୍କ ବାପା ଯାହା କରିଥିଲେ ତାକୁ ଭୁଲି ତାଙ୍କୁ ଟିକେଟ ଦିଆଗଲା । ଆଉ ଟିକେଟ ପାଇ ଜିତିବା ପରେ ପ୍ରଥମ ଦିନରୁ ଆରମ୍ଭ ହେଲା ତାଙ୍କର କାମ। ଟିକେଟ ମିଳିବା ସମୟରେ ସେ ସାଂସଦ ପ୍ରାର୍ଥୀଙ୍କୁ ହରେଇବାକୁ ଗୁରୁଦାୟିତ୍ୱ ନେଇଥିଲେ ଆଉ ଷଡ଼ଯନ୍ତ୍ର କରିଥିଲେ।

## ପୁଣି ଜୀବନ ନେଲା ଚିପ୍ସ ପ୍ୟାକେଟ୍‌ର ଖେଳଣା

# ତଣ୍ଟିରେ ବେଲୁନ୍ ଲାଖି ଯିବାରୁ ୬ ବର୍ଷ ଶିଶୁର ମୃତ୍ୟୁ

**ଖୋର୍ଦ୍ଧା (ଭିଓଭି) :** ପିଲାଙ୍କୁ ଆକୃଷ୍ଟ କରି ବିକ୍ରି ବଢ଼ାଇବା ପାଇଁ ଚିପସ ପ୍ୟାକେଟରେ ରଖାଯାଉଛି ଛୋଟ ଛୋଟ ଖେଳଣା ଓ ବେଲୁନ । ହେଲେ ଏହା ଯେ କେତେ ଘାତକ, ତାହା ସ୍ପଷ୍ଟ କରୁଛି ବାରମ୍ବାର ଅଘଟଣ । ୨ ମାସ ତଳେ କନ୍ଧମାଳ ଜିଲ୍ଲାର ଗୋଟିଏ ଶିଶୁ ପ୍ରାଣ ହରାଇଥିବା ବେଳେ, କିଛି ଦିନ ତଳେ ଜଣେ ଶିଶୁ ଆଖି ହରାଇବା ଏବଂ ଏବେ ପୁଣି ଖୋର୍ଦ୍ଧା ଜିଲ୍ଲାର ଶିଶୁଟିଏ ଆଖି ବୁଜିବା, ଉଦବେଗ ସୃଷ୍ଟି କରିଛି। ବାରମ୍ବାର ଅଘଟଣ ପରେ ଅପେକ୍ଷା ଅଛି ପ୍ରଶାସନର କାର୍ଯ୍ୟାନୁଷ୍ଠାନକୁ ।




୬ ବର୍ଷୀୟ ତାପସ ପାଇକରାୟ । ସାଢ଼େ ୩ ବର୍ଷର ବିଗିଲ ପ୍ରଧାନ । ଜୀବନ କଣ ଜାଣିବା ଆଗରୁ ଲିଭି ଯାଇଛି ଦୁଇ ଦୁଇଟି ଜୀବନ ଦୀପ। ସେଇ ସମାନ ଘଟଣା, ସମାନ କାରଣ । ଚିପସ ପ୍ୟାକେଟ୍ ଭିତରେ ଲୁଚିଥିଲା ଯମ । ମୃତ୍ୟୁର କାରଣ ସାଜିଲା ମାଗଣା ଖେଳଣା । ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ୍ ନିଧିପୁର ଗାଁର ତାପସ ଚିପସ ପ୍ୟାକେଟରୁ ବାହାରିଥିବା ବେଲୁନ୍ ଫୁଙ୍କିବା ବେଳେ, ତାହା ପାଟି ଭିତରେ ପଶି ତଣ୍ଟିରେ ଲାଖିଯାଇଥିଲା । ପ୍ରାଣ ବିକଳରେ ଛଟଛଟ ହେଉଥିବା ଅବସ୍ଥାରେ ସ୍ଥାନୀୟ ବୋଲଗମା ଡାକ୍ତରଖାନାକୁ ନିଆଯାଇଥିଲେ ବି, ତାପସକୁ ବଞ୍ଚାଇବା ସମ୍ଭବ ହୋଇନଥିଲା । ଏହି ଘଟଣା ଗାଁରେ ଶୋକର ଛାୟା ଖେଳାଇ ଦେଇଥିବା ବେଳେ, ମନେ ପକାଇ ଦେଉଛି ପ୍ରାୟ ୨ ମାସ ତଳର ଘଟଣା । ଅଙ୍ଗନବାଡ଼ି କେନ୍ଦ୍ରରୁ ଫେରିବା ବେଳେ ବାପା କିଣିଦେଇଥିବା ଚିପସ ପ୍ୟାକେଟରୁ ବାହାରିଥିବା ଖେଳଣା ବନ୍ଧୁକ ତଣ୍ଟିରେ ଲାଗି ଆଖି ବୁଜିଥିଲା କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀ ଗାଁ ଥାନା ମୁସୁମାହାପଡ଼ାର ବିଗିଲ । ଆଉ ୨ ଦିନ ତଳେ ଚିପସ୍ ପ୍ୟାକେଟ୍ ଭିତରେ ଥିବା ଖେଳଣା ନିଆଁରେ ପଡ଼ି ବିସ୍ଫୋରଣ ହେବାରୁ, ଆଖି ହରାଇଛି ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ଶଗଡ଼ଘାଟ ଗାଁର ୮ ବର୍ଷର ପୁଅ ଅଙ୍କେଶ ହରପାଳ । କେବେ ବନ୍ଦ ହେବ ପିଲାଙ୍କ ଜୀବନ ସହ ଖେଳ ? କାହିଁକି ବଜାରରେ ହାଉଜାଉ ଏଭଳି ଘାତକ ଚିପସ ? ଖାଦ୍ୟ ପ୍ୟାକେଟ୍ ଭିତରେ ଖେଳଣା ଓ ଅଣଖାଦ୍ୟ ସାମଗ୍ରୀ ନରଖିବାକୁ ପୂର୍ବରୁ ସବୁ ରାଜ୍ୟକୁ ତାଗିଦ କରିସାରିଛି ଖାଦ୍ୟ ନିରାପତ୍ତା ଓ ମାନକ ପ୍ରାଧିକରଣ ଏଫଏସଏସଏଆଇ। ହେଲେ କାହିଁକି ଶୋଇଛି ଆମ ରାଜ୍ୟର ଖାଦ୍ୟ ନିରାପତ୍ତା ଆୟୋଗ ? ଏଭଳି ମାରାତ୍ମକ ଖାଦ୍ୟ ପ୍ୟାକେଟରେ କେବେ ଲାଗିବ ଲଗାମ ?






# ଭୁଲ୍ ମାଗିଲେ କମ୍ପାନି କର୍ତ୍ତୃପକ୍ଷ

**ପାଟଣାଗଡ଼ (ଭିଓଭି) :** କିଛି ଦିନ ତଳେ ପାଟଣାଗଡ଼ ସହର ନିକଟସ୍ଥ ଶଗଡ଼ ଘାଟ ଗ୍ରାମର ଲବ ହରପାଲ ଓ ଦ୍ରୌପଦୀ ହରପାଲଙ୍କ ଆଠ ବର୍ଷର ପୁଅ ଅଙ୍କେସ ହରପାଲ ଫନି କମ୍ପାନୀର ଲାଇଟ ହାଉସ ଟେଷ୍ଟି ସ୍ନାକ୍ସ ପାଞ୍ଚ ଟଙ୍କିଆ ଚିପ୍ସ ପ୍ୟାକେଟ ଖାଇବା ପରେ ଚୁଲି ନିଆଁକୁ ଫିଙ୍ଗି ଦେବାରୁ ବିସ୍ଫୋରଣ ଘଟି ଆଖି ନଷ୍ଟ ହୋଇଯାଇଥିଲା। ପରେ ପାଟଣାଗଡ଼ ଥାନାରେ କମ୍ପାନି ବିରୁଦ୍ଧରେ ମାମଲା ରୁଜୁ ହୋଇଥିଲା । ପରେ କମ୍ପାନି କତୃପକ୍ଷ ମନୋଜ କୁମାର ପାଟଣାଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଭୁଲ ମାନିବା ସହ ଛୁଆର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବି ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ତେବେ ଚିକିତ୍ସା ଖର୍ଚ୍ଚ ବହନ କରିବାର ପ୍ରତିଶ୍ରୁତି ଦେବା ପରେ ପ୍ରଶାସନ କାର୍ଯ୍ୟନୁଷ୍ଠାନ ନେବ ନା ଚୁପ ରହିବ ତାହା ଦେଖିବା ବାକି ରହିଛି ।


# ସୂଚନା

ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
Multilingual Weekly

ବିଜ୍ଞାପନ ପ୍ରକାଶ ପାଇଁ କିମ୍ବା ଟ୍ରଷ୍ଟର ଆଜୀବନ ସଦସ୍ୟତା ପାଇଁ ସ୍କାନ୍ କରି ଦେୟ ରାଶି ପ୍ରଦାନ କରି ଆମକୁ ସହଯୋଗ କରନ୍ତୁ ଏବଂ ଆମ ସହ ଯୋଡି ହୁଅନ୍ତୁ।

**ସବିଶେଷ ଯୋଗାଯୋଗ :**
ମୋବାଇଲ୍ :
୬୩୭୧୪୧୭୩୬୧

*Email:*
voiceofvictim2019@gmail.com
voiceofvictimsnews@gmail.com

*Website :*
https://voiceofvictims.co.in

*E-Paper :*
voiceofvictimsepaper.in

# ଜୟଦେବରେ ୩୬୭୨ ଭତ୍ତା ହିତାଧିକାରୀ ନିରାଶ

**ବାଲିପାଟଣା (ଭିଓଭି) :** ରାଜ୍ୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ବିଭିନ୍ନ ଯୋଜନାରେ ସମାଜରେ ଗରିବ, ନିଷ୍ପେସିତ, ଅସହାୟ ଆଦି ଆର୍ଥିକ ଅନଗ୍ରସର ଲୋକଙ୍କୁ ସହାୟତା ଯୋଗାଇବା ନିମନ୍ତେ ସାହାଯ୍ୟ ପ୍ରଦାନ କରାଯାଉଛି । ଏଥିରେ ବାର୍ଦ୍ଧକ୍ୟ, ବିଧବା, ସ୍ୱାମୀ ପରିତ୍ୟକ୍ତା, ଶାରୀରିକ ଭିନ୍ନକ୍ଷମ,ଏଡ୍ସ ରୋଗୀ ଆଦି ହିତାଧିକାରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ଅଛନ୍ତି । ସେମାନେ ପୂର୍ବରୁ ୫୦୦ ଟଙ୍କା ପାଉଥିବା ବେଳେ ଗତ ସାଧାରଣ ନିର୍ବାଚନ ପୂର୍ବରୁ ୧୦୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା । ସେହିପରି ଗତବର୍ଷ ରାଜ୍ୟରେ ବିଜେପି ସରକାର ଆସିବା ପରେ ୮୦ବର୍ଷ ବୟସରୁ ଉର୍ଦ୍ଧ୍ୱ ବୃଦ୍ଧ/ବୃଦ୍ଧା, ବିଧବା ଏବଂ ଶତକଡା ୮୦ଭାଗ ଶାରୀରିକ ଅକ୍ଷମ ଥିବା ହିତାଧିକାରୀଙ୍କୁ ୩୫୦୦ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ଶତକଡା ୬୦ ରୁ ୭୯ ଭାଗ ଭିନ୍ନକ୍ଷମ ହିତାଧିକାରୀଙ୍କୁ ୧୨୦୦ ଟଙ୍କା ପ୍ରଦାନ କରାଯାଉଛି । ମାତ୍ର ନୂତନ ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇପାରୁନାହାନ୍ତି । ଏଭଳି ଅଭିଯୋଗ ଭୁବନେଶ୍ୱର ଉପକଣ୍ଠ ଜୟଦେବ ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ବାଲିପାଟଣା ଓ ବାଲିଅନ୍ତା ବ୍ଲକରେ ଦେଖାଦେଇଛି । ଏହିସବୁ ଯୋଜନାରେ ସାମିଲ ହେବାପାଇଁ ହିତାଧିକାରୀମାନେ ଆବେଦନ କରିଥିଲେ । ଆଜି ପର୍ଯ୍ୟନ୍ତ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀରେ ମୋଟ ୩୭୬୨ ଜଣ ହିତାଧିକାରୀ ଆବେଦନ କରିଛନ୍ତି । ଯେଉଁଥିରେ ବାଲିଅନ୍ତା ବ୍ଲକରେ ୨ହଜାରରୁ ଉର୍ଦ୍ଧ୍ୱ ଏବଂ ବାଲିପାଟଣା ବ୍ଲକରେ ଦେଢ଼ ହଜାରରୁ ଉର୍ଦ୍ଧ୍ୱ ଆବେଦନକାରୀ ଆବେଦନ କରିଛନ୍ତି । ମାତ୍ର ଦୀର୍ଘ ମାସ ବିତିଯାଇଥିଲେ ସୁଦ୍ଧା ସେମାନେ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି । କିଛି ହିତାଧିକାରୀଙ୍କ ବୟସ ୬୦ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ସେମାନେ ଭତ୍ତା ପାଇପାରୁନାହାନ୍ତି । ସେହିପରି କିଛି ହିତାଧିକାରୀ ବିଧବା ଭତ୍ତା ଆବେଦନ କରିବାର ଦୀର୍ଘ ମାସ ବିତି ଯାଇଥିଲେ ମଧ୍ୟ ସେମାନଙ୍କୁ ମିଳିନାହିଁ । ବାରମ୍ବାର ବ୍ଲକ ଦୌଡ଼ି ଦୌଡ଼ି ନିରାଶ ହେବାକୁ ପଡୁଛି । ଅଧିକାରୀଙ୍କୁ ପଚାରିବାରୁ ଅଧିକ ଟାର୍ଗେଟ ନ ଥିବାରୁ ସେମାନଙ୍କ ନା ଏଥିରେ ସାମିଲ ହୋଇପାରୁନାହିଁ ବୋଲି କହିଛନ୍ତି । ସେହିପରି ବ୍ଲକରେ ମୃତ୍ୟୁବରଣ କରୁଥିବା ହିତାଧିକାରୀଙ୍କ ନାମକୁ କାଟି ଆବେଦନ କରିଥିବା ନୂଆ ହିତାଧିକାରୀଙ୍କ ନାମ ସରକାରଙ୍କ ନିର୍ଦ୍ଦେଶାବଳି ଅନୁସାରେ ସେଥିରେ ଅନ୍ତର୍ଭୁକ୍ତ କରିବା ପାଇଁ ନିୟମ ରହିଛି । ମାତ୍ର ଦାୟିତ୍ୱରେ ଥିବା ଅଧିକାରୀ କିଛି ରାଜନୈତିକ ବ୍ୟକ୍ତି ବିଶେଷ କିମ୍ବା ପ୍ରଭାବଶାଳୀଙ୍କ ପ୍ରରୋଚନାରେ ଏଥିରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି । ସମ୍ପୃକ୍ତ ଅଧିକାରୀମାନେ ନିର୍ଦ୍ଦେଶାବଳୀ କିମ୍ବା କ୍ରମାନ୍ୱୟରେ ହିତାଧିକାରୀଙ୍କୁ ସାମିଲ ନ କରି ପ୍ରିୟାପ୍ରୀତି କରୁଥିବା ଦେଖାଯାଇଛି । ଫଳରେ ବର୍ଷ ବର୍ଷ ଧରି ଆବେଦନ କରି ଭତ୍ତା ନ ପାଇ ନିରାଶ ହେଉଛନ୍ତି ହିତାଧିକାରୀ ।ଏପରିକି ଏହି ଭତ୍ତା ଆବେଦନ କରିବା ସମୟରେ କିଛି ହିତାଧିକାରୀ ମୃତ୍ୟୁବରଣ ମଧ୍ୟ କରିସାରିଲେଣି । ବର୍ତ୍ତମାନ ବିଜେପି ଶାସନାଧୀନ ସରକାର ନିର୍ବାଚିତ ବିଧାୟକ ଏବଂ ସାଂସଦ ମାନଙ୍କ ଦରମା ୨ଗୁଣା ବୃଦ୍ଧି କରିଥିବା ବେଳେ ଅସହାୟ ବୃଦ୍ଧ/ବୃଦ୍ଧା,ଭିନ୍ନକ୍ଷମଙ୍କ ବର୍ଦ୍ଧିତ ଭତ୍ତା ଦେଇନପାରିବା ହାସ୍ୟାସ୍ପଦ ବୋଲି ବହୁ ବରିଷ୍ଠ ନାଗରୀକ, ସଚେତନ ନାଗରିକ କହିଛନ୍ତି ।

# ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଉଛନ୍ତି ସରକାର

**ଭୁବନେଶ୍ୱର (ଭିଓଭି) :** କାର, ବାଇକ, ଅଟୋ, ଟ୍ରକ ନେଇ ଆପଣ ଭୁବନେଶ୍ୱର ପୁରୀ ୩୧୬ ନମ୍ବର ଜାତୀୟ ରାଜପଥ ଦେଇ ଯାଉଛନ୍ତି କି ? ଯଦି ଯାଉଛନ୍ତି ହୋଇଯାନ୍ତୁ ସତର୍କ । କେତେବେଳେ କେଉଁ ସମୟରେ ଆପଣଙ୍କ ମୋବାଇଲକୁ ଆସିପାରେ ମୋଟା ଅଙ୍କର ଫାଇନ କଟିଥିବା ମେସେଜ । ପୁରୀ ଭୁବନେଶ୍ୱର ଜାତୀୟ ରାଜପଥରେ ପ୍ରତି ପାଞ୍ଚ କିଲୋମିଟର ଦୂରରେ ଲାଗିଛି କ୍ୟାମେରା । ଗାଡ଼ି ଚାଳକଙ୍କ ପ୍ରତିଟି ଗତିବିଧି ଉପରେ ନଜର ରଖୁଛି ପରିବହନ ବିଭାଗ । ଏପଟେ କୋଉ ଗାଡି କେତେ ସ୍ପିଡ୍ ଭିତରେ ଯିବ ତାକୁ ନେଇ ଦ୍ୱନ୍ଦ୍ୱରେ ଗାଡି ଚାଳକ । କେନ୍ଦ୍ର କହୁଛି ୬୦, ରାଜ୍ୟ କହୁଛି ୫୦ । କାହା ନିର୍ଦ୍ଦେଶ ମାନିବେ ଲୋକେ । ଗାଡ଼ି ଚାଳକଙ୍କ ପାଇଁ ଏବେ ମୁଣ୍ଡ ବିନ୍ଧାର କାରଣ ଜାତୀୟ ରାଜପଥର ହୋର୍ଡିଂ । ଦ୍ୱନ୍ଦ୍ୱ ବଢ଼ାଉଛି ପୁରୀ ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥରେ ଲଗାଯାଇଥିବା ପୃଥକ ପୃଥକ ବଡ଼ ବଡ଼ ହୋର୍ଡିଂ । ଗୋଟେ ପଟେ ପୁରୀ ଜିଲ୍ଲାପାଳ ଓ ମାଜିଷ୍ଟ୍ରେଟ୍ଙ୍କ ଆଦେଶ ଅଛି ବୋଲି ସ୍ପଷ୍ଟ ଭାବରେ ହୋର୍ଡିଂରେ ଲଗାଯାଇଛି







## କାହା ନିୟମ ମାନିବେ ଗାଡ଼ିଚାଳକ ?

ଯେ ବାଇକ ୫୦, କାର ୭୦, ଟ୍ରକ ୫୦ ବେଗରେ ଜାତୀୟ ରାଜପଥରେ ଯିବେ । ଅନ୍ୟପଟେ ଜାତୀୟ ରାଜପଥ ତରଫରୁ ଅନ୍ୟ ଏକ ହୋର୍ଡିଂରେ ଲେଖାଯାଇଛି ବାଇକ ୬୦, ଅଟୋ ୪୦, କାର ୮୦, ଟ୍ରକ ୬୦ ସ୍ପିଡ୍‌ରେ ଯାଇପାରିବେ । ଦୁଇଟି ହୋର୍ଡିଂରେ ଦୁଇ ପ୍ରକାରର କଥା । କାହା କଥା ମାନିବେ ଗାଡ଼ି ଚାଳକ, ସେ ନେଇ ଦ୍ୱନ୍ଦ୍ୱରେ । ଏପଟେ ପୁରୀ ଭୁବନେଶ୍ୱର ଜାତୀୟ ରାଜପଥରେ ଫାଇନ ଚାଲାଣ କାଟିବା ପାଇଁ ଛଅାଣ ଆଖିରେ ଅନାଇ ବସିଛି ସିସିଟିଭି କ୍ୟାମେରା । ପ୍ରତି ପାଞ୍ଚ କିଲୋମିଟର ବ୍ୟବଧାନରେ ଚାହିଁଛି । କାହାର କେଉଁ ସମୟରେ ଚାଲାଣ କଟୁଛି କେହି ଜାଣିପାରୁନଥିବା ବେଳେ ଏବେ ଏନ୍‌ଏଚ୍‌ରେ ଲଗାଯାଇଥିବା ଭିନ୍ନ ଭିନ୍ନ ହୋର୍ଡିଂ ଦେଖି ଗାଡ଼ି ଚାଳକ ଆଶ୍ଚର୍ଯ୍ୟ ।

# ଜଟିଳ ହେଉଛି ମଣ୍ଡି ସମସ୍ୟା

**ସମ୍ବଲପୁର (ଭିଓଭି) :** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ମଣ୍ଡି ଗୁଡ଼ିକରେ ଚାଲିଛି ମିଲର୍ସଙ୍କ ରାଜ୍ । ଧାନ ବିକ୍ରି ପାଇଁ ମାସ ମାସ ଅପେକ୍ଷା କରୁଛନ୍ତି ଚାଷୀ । ଧାନ ବିକ୍ରି ଟଙ୍କା ବି ମିଳୁନଥିବା ଅଭିଯୋଗ ହୋଇଛି । ଏ ହେଉଛନ୍ତି ସଡାନନ ଦେବ । ସୁବର୍ଣ୍ଣପାଲି ମଣ୍ଡିରେ ଧାନ ବିକି ବୋନସ୍ ଟଙ୍କା ପାଇଛନ୍ତି । ହେଲେ ବିକ୍ରି ଟଙ୍କା ପାଇଁ ଦୌଡ଼ି ଦୌଡ଼ି ଶେଷରେ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି । ଖାଲି ସଡାନନ ନୁହେଁ, ଏମିତି ବହୁ ଚାଷୀ ହଇରାଣ ହେଉଛନ୍ତି । ଆଉ ଏ କଥାକୁ ସ୍ୱୀକାର କରିଛନ୍ତି ଏସ୍‌ଏଚ୍‌ଜି ଗ୍ରୁପର ସଦସ୍ୟା ।



ରାୟଗଡ଼ା ବିଷମକଟକ ବ୍ଲକରେ ଚାଷୀ କଟନୀ ଛଟନୀର ଶିକାର ପାଲଟିଛନ୍ତି । କ୍ୱିଣ୍ଟାଲ୍ ପ୍ରତି ୫ରୁ ୬କିଲୋ କଟନି ଛଟନି ପାଇଁ ରାଜି ହେଉଥିବା ଚାଷୀଙ୍କ ଧାନ ପ୍ରଥମେ କିଣାଯାଉଥିବା ଅଭିଯୋଗ ଆଣିଛନ୍ତି ଚାଷୀ । ଅନ୍ୟପଟେ ରାୟଗଡ଼ାରେ ୪୩ଟି ମଣ୍ଡିରେ ଧାନ କିଣିବାକୁ ସ୍ଥିର ହୋଇଛି । ପ୍ରଥମ ପର୍ଯ୍ୟାୟରେ ୭୩ ହଜାର ୨୦୦ ମେଟ୍ରିକ ଟନ୍ ଧାନ କିଣାଯିବାକୁ ଲକ୍ଷ୍ୟ ରଖାଯାଇଛି । କିନ୍ତୁ ଏବେ ଯାଏଁ ବିଷମକଟକରେ ୧୭ ମିଲର୍ସ ସରକାରଙ୍କ ସହ ଚୁକ୍ତି କରାଇନାହାନ୍ତି ! ଫଳରେ ବ୍ଲକରେ ଚାଷୀଙ୍କ ଧାନ କିଣା ପ୍ରଭାବିତ ହେଉଛି । ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି ସିଏସ୍‌ଓ । ଧାନ ଚାଷଠୁ ଆରମ୍ଭ କରି ବିକ୍ରି ପର୍ଯ୍ୟନ୍ତ ସତେ ଯେମିତି ସମସ୍ୟା ଚାଷୀର ପିଛା ଛାଡୁନି । କେବେ ପ୍ରାକୃତିକ ଦୁର୍ବିପାକ, କେବେ ଜଙ୍ଗଲୀ ଜନ୍ତୁ ଆଉ ଏବେ ମଣ୍ଡି । ତୁରନ୍ତ ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ଦାବି ହୋଇଛି ।

# ଘାତକ ହେଉଛି ମାଞ୍ଜା ସୂତା | କାଟୁଛି ତଣ୍ଟି : ସାଜୁଛି କାଳ



**କଟକ (ଭିଓଭି) :** କାଟୁଛି ତଣ୍ଟି, ସାଜୁଛି କାଳ । ଘାତକ ହେଉଛି ମାଞ୍ଜା ସୂତା । ପର୍ଯ୍ୟଟନ ସହରରେ ମୃତ୍ୟୁର ଫାଶ । ପ୍ରତିଦିନ ମାଞ୍ଜା ସୂତାରେ କଟୁଛି ବେକ । ଆହତ ହେଉଛନ୍ତି ଯାତ୍ରୀ, ପର୍ଯ୍ୟଟକ । ପ୍ରାଣଘାତୀ ମାଞ୍ଜା ସୂତାକୁ ନେଇ ରାଜ୍ୟରେ ଧରପଗଡ଼ ଜୋରଦାର ହେଉଛନ୍ତି । କଟକ, ଭୁବନେଶ୍ୱର, ପୁରୀରେ ପୁଲିସ ସ୍ପେଶାଲ୍ ଡ୍ରାଇଭ କରି ବିଭିନ୍ନ ଦୋକାନରେ ପଞ୍ଝା ମାରିଛି । ବେଆଇନ ମାଞ୍ଜା ସୂତା କି ଏଥିରେ ଗୁଡ଼ି ତିଆରି କରି ବିକ୍ରି କଲେ କଠୋର କାର୍ଯ୍ୟାନୁଷ୍ଠାନ ନେଇ ଚେତାଉଛି । ହେଲେ ଫଳ କିନ୍ତୁ ଶୂନ । ରାଜଧାନୀ ଭୁବନେଶ୍ୱର ସମେତ କଟକ ଏବଂ ପୁରୀରେ ବି ମାଞ୍ଜା ସୂତା ଆତଙ୍କ । ଗତକାଲି କଟକରେ ମାଞ୍ଜା ସୂତା ଲାଗି ଜଣେ ବ୍ୟକ୍ତି ଆହତ ହୋଇଥିଲେ । ସେହିଭଳି କାଲି ରାତିରେ ପୁରୀରେ ବି ପୁଣି ଘଟିଛି ମାଞ୍ଜା ଅଘଟଣ । ବଡ଼ଦାଣ୍ଡରେ ଗୁଡ଼ି ସୂତାରେ ଜଣେ ପର୍ଯ୍ୟଟକ ଆହତ ହୋଇଛନ୍ତି । ଶ୍ରୀନଅର ସମ୍ମୁଖରେ ଗୁଡ଼ି ସୂତା ଲାଗି ଜଣେ ପର୍ଯ୍ୟଟକ ଆହତ ହେବା ସହ ଦୁଇ ଜଣ ବାଇକ ଆରୋହୀ ବି ଗାଡ଼ିରୁ ଖସିପଡ଼ିଥିଲେ । ପୂର୍ବରୁ ମଧ୍ୟ କିଛି ଦିନ ତଳେ ପୁରୀରେ ମାଞ୍ଜା ସୂତା ଲାଗି ପର୍ଯ୍ୟଟକ ଆହତ ହୋଇଥିଲେ । କଟକରେ ଚଳିତ ବର୍ଷ ମାଞ୍ଜା ସୂତାରେ ୫ରୁ ଅଧିକ ଆହତ ହୋଇଥିବା ବେଳେ ପୁରୀରେ ମଧ୍ୟ କିଛି ଦିନ ଭିତରେ ମାଞ୍ଜା ଲାଗି ୫ ଜଣ ଆହତ ହୋଇଥିବା ସୂଚନା ରହିଛି । ଏଠି ପ୍ରଶ୍ନ ଉଠୁଛି, ପୁଲିସର ତାଗିଦ ସତ୍ତ୍ୱେ କେମିତି ମିଳୁଛି ବେଆଇନ ମାଞ୍ଜା ସୂତା ଓ କେଉଁଠୁ ଆସୁଛି ପ୍ରାଣ ଘାତକ ମାଞ୍ଜା ସୂତା ? କଟକଣା ପରେ ବି ବଜାରରେ କେମିତି ମିଳୁଛି ମାଞ୍ଜା, ପ୍ରଶାସନ ନାକ ତଳେ ମାଞ୍ଜା ବେପାର ଚାଲୁଛି, କେମିତି ଜାଣିପାରୁନାହାନ୍ତି କେହି, ପୁଲିସ କଟକଣାକୁ କାହିଁକି ମାନୁନାହାନ୍ତି ଲୋକେ କି କଡ଼ା କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ? ଏ ସବୁ ପ୍ରଶ୍ନ ଏବେ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି ।



# ନୋବେଲ୍ ହାତେଇଲେ ଟ୍ରମ୍ପ

## ପଦକକୁ ଦାନ କରିଦେଲେ ମାଚାଡୋ

**ଲଣ୍ଡନ :** ହ୍ୱାଇଟ୍ ହାଉସ୍‌ରେ ଭେନେଜୁଏଲାର ବିରୋଧୀ ନେତ୍ରୀ ମାରିଆ କୋରିନା ମାଚାଡୋ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ତାଙ୍କ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିଛନ୍ତି। ରାଷ୍ଟ୍ରପତି ହସି ହସି ଆନନ୍ଦମନରେ ଏହା ଗ୍ରହଣ କରିଥିଲେ। ଏହି ସମ୍ମାନ ପାଇବାକୁ ତାଙ୍କର ଦୀର୍ଘଦିନର ହୃଦୟର ଇଚ୍ଛା ଥିଲା। ସେ ଏଥିପାଇଁ ପ୍ରାୟ ଭିକ ମାଗିବା ଭଳି ଖୋଲାଖୋଲି ଲବି କରିବା ପାଇଁ କେବେ ପଛଘୁଞ୍ଚା ଦେଇନାହାନ୍ତି। ଇତିହାସରେ ପ୍ରଥମ ଥର ପାଇଁ ନୋବେଲ ଶାନ୍ତି ପୁରସ୍କାର ବିଜେତା ସ୍ୱେଚ୍ଛାକୃତ ଭାବରେ ଏହି ପଦକ ଅନ୍ୟ ଜଣଙ୍କୁ ପ୍ରଦାନ କରିଥିଲେ। କିନ୍ତୁ ଏପରି ପୁରସ୍କାର ପ୍ରକୃତରେ ସ୍ଥାନାନ୍ତରଯୋଗ୍ୟ କି ? ମାଚାଡୋଙ୍କ ହ୍ୱାଇଟ୍ ହାଉସ୍ ଗସ୍ତର କିଛି ଦିନ ପୂର୍ବରୁ ନରୱେ ନୋବେଲ ଇନଷ୍ଟିଚ୍ୟୁଟ୍ ଏହି ପ୍ରଶ୍ନର ସମାଧାନ କରିସାରିଛି । ଭେନେଜୁଏଲାର ବିରୋଧୀ ନେତାଙ୍କ ମନ୍ତବ୍ୟ ପରେ ରବିବାର ନୋବେଲ କମିଟି ସ୍ପଷ୍ଟ କରିଛି ଯେ, ନୋବେଲ ଶାନ୍ତି ପୁରସ୍କାର ଟ୍ରମ୍ପଙ୍କୁ ହସ୍ତାନ୍ତର, ଅଂଶୀଦାର କିମ୍ବା ରଦ୍ଦ କରାଯାଇପାରିବ ନାହିଁ। ନୋବେଲ ଫାଉଣ୍ଡେସନର ନିୟମକୁ ଦର୍ଶାଇ ଅନୁଷ୍ଠାନ ଏକ ବିବୃତିରେ କହିଛି ଯେ, ନୋବେଲ ପୁରସ୍କାର ପ୍ରଦାନ କରିବାର ନିଷ୍ପତ୍ତି ଚୂଡ଼ାନ୍ତ ଓ ସ୍ଥାୟୀ। ଥରେ ନୋବେଲ ପୁରସ୍କାର ଘୋଷଣା ହୋଇଗଲେ ଏହାକୁ ପ୍ରତ୍ୟାହାର କରାଯାଇପାରିବ ନାହିଁ, ସେୟାର କରାଯାଇପାରିବ ନାହିଁ କିମ୍ବା ଅନ୍ୟ କହାକୁ ହସ୍ତାନ୍ତର କରାଯାଇପାରିବ ନାହିଁ ବୋଲି ନରୱେର ନୋବେଲ କମିଟି ଓ ନୋବେଲ ଇନଷ୍ଟିଚ୍ୟୁଟ୍ କହିଛନ୍ତି ।

ନୋବେଲ ଶାନ୍ତି ପୁରସ୍କାର ଚଳିତ ବର୍ଷ ମାଚାଡୋଙ୍କୁ ପ୍ରଦାନ କରାଯାଇଥିଲା। ତେବେ ପରେ ସେ ଘୋଷଣା କରିଥିଲେ ଯେ ସେ ଦେଶର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ଗିରଫ କରିଥିବା ଟ୍ରମ୍ପଙ୍କୁ ଏହା ପ୍ରଦାନ କରିବେ। ପରେ ମାଚାଡୋ କହିଛନ୍ତି ଯେ, ଭେନେଜୁଏଲାର ଲୋକଙ୍କ ସ୍ୱାଧୀନତା ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ସ୍ୱୀକୃତି ଦେବା ପାଇଁ ଏହି ଉପହାର ଦିଆଯାଇଛି। ହ୍ୱାଇଟ୍ ହାଉସ୍ ଛାଡିବା ପରେ ମାଚାଡୋ ସାମ୍ବାଦିକମାନଙ୍କୁ କହିଛନ୍ତି, ମୁଁ ଆମେରିକାର ରାଷ୍ଟ୍ରପତିଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିଛି। ଆମର ସ୍ୱାଧୀନତା ପ୍ରତି ତାଙ୍କର ଅନନ୍ୟ ପ୍ରତିବଦ୍ଧତାକୁ ସ୍ୱୀକୃତି ଦେବା ପାଇଁ ସେ ଏହା କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଏକ ସୋସିଆଲ ମିଡିଆ ପୋଷ୍ଟରେ ଟ୍ରମ୍ପ ଲେଖିଛନ୍ତି: ମୁଁ କରିଥିବା କାର୍ଯ୍ୟ ପାଇଁ ମାରିଆ ମୋତେ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିଛନ୍ତି। ପାରସ୍ପରିକ ସମ୍ମାନର ଏହା ଏକ ଚମତ୍କାର ଉଦାହରଣ। ଧନ୍ୟବାଦ ମାରିଆ !

# ବାଂଲାଦେଶରେ ପୁଣି ଜଣେ ହିନ୍ଦୁଙ୍କୁ ହତ୍ୟା

**ନୂଆଦିଲ୍ଲୀ :** ବାଂଲାଦେଶରେ ପୁଣି ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତ ବ୍ୟକ୍ତିଙ୍କ ନାଁ ରିପୋନ ଶାହ । ସେ ରାଜବାଡ଼ି ଜିଲ୍ଲା ଅଧୀନସ୍ଥ ଗୋଲାଣ୍ଡା ମୋଡ଼ର କରିମ ତେଲଟାଙ୍କିରେ କାମରେ ଥିବାବେଳେ ଏକ ଗାଡ଼ି ତେଲ ପକାଇବାପାଇଁ ଆସିଥିଲା। ତେଲ ପକାଇବାପରେ ଗାଡ଼ି ଡ୍ରାଇଭର ଟଙ୍କା ନଦେଇ ପଳାଉଥିଲା । ରିପୋନ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ସେ ତାଙ୍କ ଉପରେ ଗାଡ଼ି ମଡ଼ାଇ ଦେଇଥିଲା । ଫଳରେ ଘଟଣାସ୍ଥଳରେ ରିପୋନଙ୍କର ମୃତ୍ୟୁ ହୋଇଯାଇଛି । ରାଜବାଡ଼ି ସଦର ପୁଲିସ ମୁଖ୍ୟ ଖୋନ୍ଦକୀ ଜିଆଉର ରେହମାନ କହିଛନ୍ତି, ଉକ୍ତ ଘଟଣାରେ ଏକ ହତ୍ୟା ମାମଲା ରୁଜୁ ହେବ । ପୁଲିସ ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ ଏକ କଳା ଏସ୍‌ୟୁଭି ଶୁକ୍ରବାର ଭୋର ପ୍ରାୟ ୪.୩୦ ସମୟରେ ତେଲ ପକାଇବାପାଇଁ ପହଞ୍ଚିଥିଲା ଏବଂ ପାଖାପାଖି ୩,୭୧୦ ଟଙ୍କାର ତେଲ ପକାଇଥିଲା । ଡ୍ରାଇଭର ଯେତେବେଳେ ଟଙ୍କା ନଦେଇ ସ୍ଥାନ ଛାଡ଼ି ପଳାଇଥିଲା ଶାହ ତାଙ୍କ ଗାଡ଼ି ଅଟକାଇବାକୁ ଚେଷ୍ଟା କରିଥିଲା । କିନ୍ତୁ କାରଟି ତାଙ୍କ ଉପରେ ଅତି ଦ୍ରୁତ ଗତିରେ ମଡ଼ାଇ ପଳାଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଛି । ପୁଲିସ ପରେ ଏହି ଗାଡ଼ିଟିକୁ ଜବତ କରିଛି ଏବଂ ଗାଡ଼ି ମାଲିକ ଅବୁ ହଶେମ ଓରଫ ସୁଜନ (୫୫) ଏବଂ ତାଙ୍କ ଡ୍ରାଇଭର କମଲ ହୋସେନ (୪୩)ଙ୍କୁ ଗିରଫ କରିଛି । ମିଳିଥିବା ସୂଚନାନୁଯାୟୀ ହଶେମ ହେଉଛି ବିଏନ୍‌ପି (ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି)ର ରାଜବାଡ଼ି ଜିଲ୍ଲାର ପୂର୍ବତନ କୋଷାଧ୍ୟକ୍ଷ ଏବଂ ସେ ଜିଲ୍ଲା ଯୁବ ଦଳର ପୂର୍ବତନ ସଭାପତି । ବୃତ୍ତିରେ ସେ ଜଣେ କଣ୍ଟ୍ରାକ୍ଟର । ଉଲ୍ଲେଖଯୋଗ୍ୟ ଯେ ବାଂଲାଦେଶରେ ଗତ କିଛି ଦିନ ହେବ ହିନ୍ଦୁ ବିରୋଧୀ ହିଂସା ତେଜିଛି । କେବଳ ୨୦୨୫ ଡିସେମ୍ବରରେ ବାଂଲାଦେଶରେ ୫୧ଟି ସାମ୍ପ୍ରଦାୟିକ ହିଂସା ଘଟଣା ଦେଖିବାକୁ ମିଳିଛି । ପ୍ରାଣତୋଶ ସରକାର ନାମକ ଜଣେ ୪୨ ବର୍ଷୀୟ ଗହଣା ବ୍ୟବସାୟୀଙ୍କୁ ଡିସେମ୍ବର ୨ ତାରିଖରେ ନରଶିଂଙ୍ଗଡ଼ିରେ କିଛି ଦୁର୍ବୃତ୍ତ ଗୁଳି କରି ହତ୍ୟା କରିଥିଲେ । ଡିସେମ୍ବର ୧୮ ତାରିଖରେ ମୟମନସିଂହରେ ୨୫ ବର୍ଷୀୟ ଫ୍ୟାକ୍ଟ୍ରି କର୍ମଚାରୀ ଦୀପୁ ଚନ୍ଦ୍ର ଦାସଙ୍କୁ ପିଟିପିଟି ହତ୍ୟା କରାଯାଇଥିଲା ଏବଂ ତାଙ୍କ ମର ଶରୀରକୁ ଗଛରେ ବାନ୍ଧି ନିଆଁ ଲଗାଇ ଦିଆଯାଇଥିଲା । ଅନ୍ୟଜଣେ ହିନ୍ଦୁ ଯୁବକ ଅମୃତ ମଣ୍ଡଳଙ୍କୁ ଡିସେମ୍ବର ୨୪ ତାରିଖରେ ପିଟିପିଟି ହତ୍ୟା କରାଯାଇଥିଲା । ଡିସେମ୍ବର ୩୧ ତାରିଖରେ ଖୋକନ ଚନ୍ଦ୍ର ଦାସଙ୍କ ଉପରେ ଆକ୍ରମଣ ପରେ ତାଙ୍କ ଦେହରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଥିଲେ । ୩ ଦିନ ଚିକିତ୍ସା ହେବାପରେ ତାଙ୍କର ମୃତ୍ୟୁ ହୋଇଥିଲା। ଜାନୁଆରି ୫ ତାରିଖରେ ମୋନି ଚକ୍ରବର୍ତ୍ତିଙ୍କୁ ହତ୍ୟା କରାଯାଇଥିଲା । ଜାନୁଆରି ୫ ତାରିଖରେ ମଧ ଜଣେ ସାମ୍ବାଦିକ ରାଣା ପ୍ରତାପ ବୈରାଗୀଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଜାନୁଆରି ୬ ତାରିଖରେ ମିଥୁର ସରକାର ନାମକ ଜଣେ ବ୍ୟକ୍ତିଙ୍କ ଦେହରେ ନିଆଁ ଲଗାଇ ଦେଇଥିଲେ । ତେବେ ସେ ପ୍ରାଣ ବଞ୍ଚାଇବାପାଇଁ କେନାଲକୁ ଡେଇଁ ପଡ଼ିଥିଲେ।

# ଆକାଶ ଛୁଆଁ ହେବ ତୈଳ ଦର

**ନୂଆଦିଲ୍ଲୀ :** ଇରାନ ସରକାରଙ୍କ ବିରୋଧରେ ହଜାର ହଜାର ପ୍ରତିବାଦକାରୀ ରାସ୍ତାକୁ ଓହ୍ଲାଇବା ପରେ ଦମନଲୀଳା କରୁଛି ସେଠିକାର ସରକାର। ଅନ୍ୟପଟେ ଆମେରିକା ଏହି ଘଟଣାକୁ ନେଇ ଇରାନ ଖେମନେଇ ସରକାରଙ୍କୁ ଧମକ ଦେଇଛି । ଯଦି ପ୍ରତିବାଦକାରୀଙ୍କୁ ଦମନ କରାଯାଏ ତାହେଲେ ଆମେରିକା ସୈନ୍ୟ ପଠାଇ ଉଚିତ ଜବାବ ଦେବ । ଆଉ ଟ୍ରମ୍ପଙ୍କ ଏଭଳି ବୟାନରେ ସାରା ବିଶ୍ୱ ଉପରେ ଏବେ ବିପଦର କଳାବାଦଲ ଦେଖାଗଲାଣି । ଆମେରିକାକୁ ଠିକଣା ଜବାବ ଦେବାକୁ ଯାଇ ହର୍ମୁଜ୍ ଜଳଡମ୍ବରୁମଧ୍ୟ ବା 'ଷ୍ଟ୍ରେଟ୍ ଅଫ୍ ହରମୁଜ୍'କୁ ବନ୍ଦ କରିଦେଇପାରେ ଇରାନ୍, ଯାହାର ପରିଣାମ ସାରା ବିଶ୍ୱକୁ ଭୋଗିବାକୁ ପଡ଼ିପାରେ ।

'ଷ୍ଟ୍ରେଟ୍ ଅଫ୍ ହରମୁଜ୍' ହେଉଛି ତୈଳ ପରିବହନ ପାଇଁ ସବୁଠୁ ମୁଖ୍ୟ ସାମୁଦ୍ରିକ ପଥ । ଦୁନିଆର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଏଲ ଚେକପଏଣ୍ଟ ହେବା କାରଣରୁ ଏହି ପଟଦେଇ ବିଶ୍ୱ ତୈଳ ରପ୍ତାନୀର ପାଖାପାଖି ଏକ ପଞ୍ଚମାଂଶ ତୈଳ ଓ ପ୍ରାକୃତିକ ଗ୍ୟାସର ପରିବହନ ହୁଏ। ଇରାନ ଉତ୍ତରରେ ଏବଂ ଓମାନ୍ ଏବଂ ୟୁନାଇଟେଡ୍ ଆରବ୍ ଏମିରେଟ୍ସର ଦକ୍ଷିଣରେ ଅବସ୍ଥିତ । ଏହା ପାରସ୍ୟ ଉପସାଗରକୁ ଓମାନ୍ ଉପସାଗର ଏବଂ ଆରବ ସହିତ ସଂଯୋଗ କରେ । ଏହା ଉପକୂଳବର୍ତ୍ତୀ ଦେଶଗୁଡ଼ିକରୁ ଏହି ସାମୁଦ୍ରିକ ପଥ ଦେଇ ଅନ୍ୟ ଦେଶଗୁଡ଼ିକୁ ତୈଳ ଓ ଗ୍ୟାସ ଭରା ଜାହାଜ ଆତଯାତ କରେ । ଏହା ୩୩ କିଲୋମିଟର ଚଉଡ଼ା। ୨୦୨୫ରେ ଏହି ପଥ ଦେଇ ୧.୩ କୋଟି ବ୍ୟାରେଲ କ୍ରୁଡ ଅଏଲ ରପ୍ତାନୀ ହୁଏ, ଯାହା ସାରା ବିଶ୍ୱ ତୈଳ ରପ୍ତାନିର ୩୧ ପ୍ରତିଶତ।




ଏହି ପଟ ଦେଇ ସାଉଦୀ ଆରବ, ଇରାକ୍, ଇରାନ୍, କୁଓ୍ୱେତ୍, ୟୁନାଇଟେଡ୍ ଆରବ୍ ଏମିରେଟ୍ସ ଭଳି ବଡ଼ ବଡ଼ ତୈଳ ଉତ୍ପାଦନକାରୀ ଦେଶରୁ ଚୀନ୍, ଭାରତ , ଜାପାନ, ଦକ୍ଷିଣ କୋରିଆ ପରି ଦେଶକୁ ତୈଳ ଓ ନ୍ୟାଚୁରାଲ ଗ୍ୟାସ ପଠାଯାଏ । ଏହି ଦୃଷ୍ଟିରୁ 'ଷ୍ଟ୍ରେଟ୍ ଅଫ୍ ହରମୁଜ୍' ସାରା ବିଶ୍ୱର ଆର୍ଥିକ ସ୍ଥିତିର ଏକ ମୁଖ୍ୟ ଅଂଶ ।

ଆମେରିକାକୁ ଜବାବ ଦେବାକୁ ଯାଇ ଇରାନ ଯଦି ଏହି ଜଳ ପଥରେ ନିଜ ନୌସେନା ମୁତୟନ କଲା, ତାହେଲେ ଏହି ପଥ ଦେଇ ଅନ୍ୟ ଦେଶକୁ ତୈଳ ପରିବହନ ବାଧିତ ହେବ ନିଶ୍ଚୟ । ଦୀର୍ଘ ଦିନ ନୁହେଁ ମାସଟିଏ ବି ପରିବହନ ବନ୍ଦ ହେଲେ ଏହାର ପ୍ରଭାବ ସାରା ବିଶ୍ୱ ଅର୍ଥନୀତି ଉପରେ ପଡ଼ିବ। ବିଶେଷଜ୍ଞଙ୍କ କହିବା ଅନୁସାରେ, ଏପରି ହେଲେ ତୈଳ ଦର ବ୍ୟାରେଲ ପିଛା ୧୦ରୁ ୨୦ ଡଲାର ବଢ଼ିଯିବ । ଆଉ ତୈଳ ଦର ପାଖାପାଖି ୩୦ ପ୍ରତିଶତ ବଢ଼ିଯାଇପାରେ । ହୁ ହୁ ହୋଇ ବଢ଼ିବ ପେଟ୍ରୋଲ, ଡିଜେଲ ଦର । ଆଉ ତୈଳ ଦର ବଢ଼ିବା ମାନେ ବଢ଼ିବ ପରିବହନ ଦର । ଆଉ ତା ସହ ବଢ଼ିବ ଅତ୍ୟାବଶ୍ୟକ ସାମଗ୍ରୀର ଦର, ଯାହା ଏବେ ଅନେକ ଦେଶଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ।

## ଟ୍ରମ୍ପଙ୍କ ଅଧିଗ୍ରହଣ ଧମକ ପରେ ଗ୍ରିନଲାଣ୍ଡରେ ହଜାର ହଜାର ଲୋକଙ୍କ ଶୋଭାଯାତ୍ରା

# ‘ଆମେ ବିନା ଯୁଦ୍ଧରେ ହଟିବୁ ନାହିଁ’

**ନୂଆଦିଲ୍ଲୀ :** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯେକୌଣସି ପ୍ରକାରେ ଗ୍ରିନଲାଣ୍ଡ ଦଖଲ କରିବା ଏବଂ ବିନା ଯୁଦ୍ଧରେ ନିଷ୍ପତ୍ତିରୁ ପଛକୁ ନହଟିବା ପାଇଁ ଧମକ ଦେବା ପରେ ଗ୍ରିନଲାଣ୍ଡରେ ବିରାଟ ଜନବିକ୍ଷୋଭ ଦେଖିବାକୁ ମିଳିଛି । ଶନିବାର ହଜାର ହଜାର ଗ୍ରିନଲାଣ୍ଡବାସୀ ବରଫ ଓ ବରଫ ଆଚ୍ଛାଦିତ ରାସ୍ତାରେ ଶୋଭାଯାତ୍ରା କରିଥିଲେ, ଯାହାକୁ ଆର୍କଟିକ୍ ଦ୍ୱୀପର ସବୁଠାରୁ ବଡ ସମନ୍ୱିତ ବିକ୍ଷୋଭ ବୋଲି କୁହାଯାଉଛି । ଆମେରିକା ରାଷ୍ଟ୍ରପତିଙ୍କ ନୂତନ ଚାପକୁ ପ୍ରତ୍ୟାଖ୍ୟାନ କରିବା ଏବଂ ଗ୍ରିନଲାଣ୍ଡର ସ୍ୱାୟତ୍ତତା ପାଇଁ ସ୍ୱର ଉତ୍ତୋଳନ କରିବା ଏହାର ଉଦ୍ଦେଶ୍ୟ ।

ରାଜଧାନୀ ନୁକ୍‌ରେ ପ୍ରଦର୍ଶନକାରୀମାନେ ସେମାନଙ୍କର ଜାତୀୟ ପତାକା ଉତ୍ତୋଳନ କରିଥିଲେ । ହାତରେ ଚିତ୍ରିତ ଫଳକ ଧରିଥିଲେ, ଯେଉଁଥିରେ ‘ଗ୍ରିନଲାଣ୍ଡ ବିକ୍ରୟ ପାଇଁ ନୁହେଁ’ ଲେଖାଯାଇଥିଲା । ସହର କେନ୍ଦ୍ରରୁ ଆମେରିକାର ବାଣିଜ୍ୟିକ ଦୂତାବାସକୁ ଯିବାବେଳେ ଲୋକମାନେ ଗ୍ରିନଲାଣ୍ଡିକ୍ ଭାଷାରେ ସ୍ଲୋଗାନ ଦେଇଥିଲେ । ପୁଲିସ ଓ ଆୟୋଜକଙ୍କ ଅନୁଯାୟୀ, ଏହି ପଦଯାତ୍ରା ନୁକ୍ ଜନସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶ ଲୋକଙ୍କୁ ଆକର୍ଷିତ କରିଥିଲା, ଯାହା ୨୦,୦୦୦ରୁ କମ୍ ଜନସଂଖ୍ୟା ବିଶିଷ୍ଟ ସହର ପାଇଁ ଅଭୂତପୂର୍ବ ଥିଲା । ଗ୍ରିନଲାଣ୍ଡର ଅନ୍ୟ ସହର ତଥା କୋପେନହେଗେନ୍ ଓ ଅନ୍ୟାନ୍ୟ ଡେନମାର୍କ ସହରରେ ମଧ୍ୟ ସମାନ ବିକ୍ଷୋଭ ଓ ରାଲି ଅନୁଷ୍ଠିତ ହୋଇଥିଲା । ଗ୍ରିନଲାଣ୍ଡର ପ୍ରଧାନମନ୍ତ୍ରୀ ଜେନ୍ସ-ଫ୍ରେଡେରିକ୍ ନିଲସନ୍ ନୁକ୍‌ରେ ଶୋଭାଯାତ୍ରାରେ ଯୋଗ ଦେଇଥିଲେ । ଅନେକ ବିକ୍ଷୋଭକାରୀ କହିଛନ୍ତି ଯେ ଟ୍ରମ୍ପଙ୍କ ବାରମ୍ବାର ବିବୃତି ପରେ ସେମାନେ ଏହି ନିଷ୍କର୍ଷରେ ପହଞ୍ଚିଛନ୍ତି ଯେ ଆମେରିକା ଗ୍ରିନଲାଣ୍ଡକୁ ‘ଭିନ୍ନ ଦିଗରେ ନେଇଯିବାକୁ ଓ ଶୋଷଣ କରିବାକୁ ଚାହୁଁଛି । ନୁକ୍ ପୁଲିସ୍ ଅଧିକାରୀ ଟମ୍ ଓଲସେନ୍ କହିଛନ୍ତି, ମୁଁ ଆଶା କରୁଛି ଏହା ତାଙ୍କୁ ଦେଖାଇବ ଯେ ୟୁରୋପରେ ଆମ ଭିତରେ ଏକତା ଅଛି ଏବଂ ଆମେ ବିନା ଯୁଦ୍ଧରେ ହଟିବୁ ନାହିଁ ।

ନୁକ୍‌ରେ ବିକ୍ଷୋଭ ଶେଷ ହେବା ପରେ, ଖବର ପ୍ରକାଶ ପାଇଛି ଯେ, ଟ୍ରମ୍ପ ଫେବ୍ରୁଆରିରୁ ଗ୍ରିନଲାଣ୍ଡ ଉପରେ ଆମେରିକାର ନିୟନ୍ତ୍ରଣକୁ ବିରୋଧ କରୁଥିବା ଡେନମାର୍କ ଓ ଅନ୍ୟାନ୍ୟ ୟୁରୋପୀୟ ଦେଶରୁ ସାମଗ୍ରୀ ଉପରେ ୧୦% ଆମଦାନି ଶୁଳ୍କ ଘୋଷଣା କରିଛନ୍ତି । ଶୁଳ୍କର ଅର୍ଥନୈତିକ ପ୍ରଭାବକୁ ନେଇ ଚିନ୍ତା ସତ୍ତ୍ୱେ ଅନେକ ପ୍ରଦର୍ଶନକାରୀ କହିଛନ୍ତି ଯେ ଗ୍ରିନଲାଣ୍ଡର ସ୍ୱାୟତ୍ତତା ଅଧିକ ଗୁରୁତ୍ୱପୂର୍ଣ୍ଣ । ଗ୍ରିନଲାଣ୍ଡର ପୂର୍ବତନ ସାଂସଦ ଟିଲି ମାର୍ଟିନୁସେନ୍ କହିଛନ୍ତି, ଏହା ସ୍ୱାଧୀନତା ପାଇଁ ସଂଗ୍ରାମ ।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାରମ୍ବାର ଯୁକ୍ତି କରିଛନ୍ତି ଯେ ଆର୍କଟିକରେ ବଢୁଥିବା ବିଶ୍ୱସ୍ତରୀୟ ପ୍ରତିଯୋଗିତା ଦୃଷ୍ଟିରୁ ଆମେରିକା ଜାତୀୟ ସୁରକ୍ଷା କାରଣରୁ ଗ୍ରିନଲାଣ୍ଡ ଅଧିଗ୍ରହଣ କରିବା ଆବଶ୍ୟକ । ଗ୍ରିନଲାଣ୍ଡ ଓ ଡେନମାର୍କରେ ବିକ୍ଷୋଭ ବ୍ୟାପିଥିବା ବେଳେ ହ୍ୱାଇଟ୍ ହାଉସ୍ ଗତ ସପ୍ତାହରେ ଏହି ଆଭିମୁଖ୍ୟକୁ ଦୋହରାଇଛି । ରାଷ୍ଟ୍ରପତି ନିଜର ପ୍ରାଥମିକତା ସ୍ପଷ୍ଟ କରିଛନ୍ତି । ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରୋଲିନ୍ ଲିଭିଟ୍ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଏହା ଆମର ଜାତୀୟ ସୁରକ୍ଷା ପାଇଁ ଆବଶ୍ୟକ । ସେ ଆହୁରି କହିଛନ୍ତି ଯେ ଗ୍ରିନଲାଣ୍ଡରେ ୟୁରୋପୀୟ ନାଟୋ ସୈନ୍ୟ ମୁତୟନ ଟ୍ରମ୍ପଙ୍କ ଯୋଜନା ଉପରେ ପ୍ରଭାବ ପକାଇବ ନାହିଁ । ଟ୍ରମ୍ପ ଚେତାବନୀ ଦେଇଛନ୍ତି ଯେ ଯଦି ଆମେରିକା ଗ୍ରିନଲାଣ୍ଡକୁ ନିୟନ୍ତ୍ରଣ ନକରେ, ତେବେ ପ୍ରତିଦ୍ୱନ୍ଦ୍ୱୀ ଶକ୍ତିମାନେ ଯଥା ଚୀନ୍ କିମ୍ବା ରୁଷ୍ କରିବେ ।



ଇତିମଧ୍ୟରେ ଅନ୍ତର୍ଜାତୀୟ ସ୍ତରରେ ଉତ୍ତେଜନା ବୃଦ୍ଧି ପାଉଛି, ଯାହା ଆର୍କଟିକ୍‌ରେ ସାମରିକ କାର୍ଯ୍ୟକଳାପ ବୃଦ୍ଧି ସହିତ ଏହି ନୂତନ ପଦକ୍ଷେପ ଆସିଛି । ଫ୍ରାନ୍ସ, ଜର୍ମାନୀ, ସ୍ୱିଡେନ୍ ଓ ନରୱେ ସମେତ ୟୁରୋପୀୟ ନାଟୋ ଦେଶଗୁଡ଼ିକ ଡେନମାର୍କ ନେତୃତ୍ୱାଧୀନ ସୁରକ୍ଷା ଅଭ୍ୟାସର ଏକ ଅଂଶ ଭାବରେ ଗ୍ରିନଲାଣ୍ଡରେ ସୈନ୍ୟ ମୁତୟନ ଘୋଷଣା କରିଛନ୍ତି । ଡେନମାର୍କର ନେତୃତ୍ୱାଧୀନ ସମରାଭ୍ୟାସର ଏକ ଅଂଶ ଭାବରେ ଫ୍ରାନ୍ସ, ଜର୍ମାନୀ, ସ୍ୱିଡେନ୍ ଓ ନରୱେ ଗ୍ରିନଲାଣ୍ଡରେ ସାମରିକ କର୍ମଚାରୀ ମୁତୟନ କରିବାକୁ ଘୋଷଣା କରିଛନ୍ତି । ଡେନମାର୍କର ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡେରିକ୍ସେନ୍ କହିଛନ୍ତି ଯେ, ସୁରକ୍ଷା ପ୍ରସଙ୍ଗରେ ଏକ ୱାର୍କିଂ ଗ୍ରୁପ୍ ଗଠନ କରାଯିବ, କିନ୍ତୁ ଗ୍ରିନଲାଣ୍ଡକୁ ଦଖଲ କରିବା ପାଇଁ ଆମେରିକାର ଅଭିଳାଷ ପୂର୍ଣ୍ଣ ହେବାକୁ ଦିଆଯିବ ନାହିଁ ।

# ରାସ୍ତାକୁ ଓହ୍ଲାଇଲେ ଇରାନବାସୀ

**ନୂଆଦିଲ୍ଲୀ :** ସେ ଆମକୁ ବୋକା ବନାଇ ପ୍ରତାରଣା କରିଛନ୍ତି । ଆମ ପ୍ରତି ବିଶ୍ୱାସଘାତକତା କରିଛନ୍ତି । ଇରାନରେ ହୋଇଥିବା ଘାତକ କାର୍ଯ୍ୟାନୁଷ୍ଠାନର ପ୍ରତିବାଦ କରି ପ୍ରଦର୍ଶନକାରୀମାନେ ୱାସିଂଟନ୍ ଡିସିର ହ୍ୱାଇଟ୍ ହାଉସ୍ ନିକଟରେ ରାଲି କରିଛନ୍ତି ।

ପ୍ରତିବାଦ ସମୟରେ ରାସ୍ତାକୁ ଓହ୍ଲାଇ ଆସିଥିବା ଅନେକ ଇରାନବାସୀଙ୍କ ପାଇଁ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ସମ୍ଭାବ୍ୟ ଜୀବନରେଖା ପରି ମନେ ହେଉଥିଲେ । ପ୍ରତିବାଦକାରୀମାନେ ଅଭିଯୋଗ କରିଛନ୍ତି, ଏହି ବିଶ୍ୱାସ ହିଁ ଆମର ପରବର୍ତ୍ତୀ ପରିବର୍ତ୍ତନକୁ ବିଶ୍ୱାସଘାତକତାର ଅନୁଭବ କରାଇଛି । ଟ୍ରମ୍ପଙ୍କ କଥା ଓ କାମରେ ବହୁ ଫରକ୍ ରହିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଇରାନରେ ଅଶାନ୍ତିର ପ୍ରାରମ୍ଭରେ, ଆମେରିକାର ରାଷ୍ଟ୍ରପତି ପ୍ରତିବାଦକାରୀଙ୍କୁ ସାର୍ବଜନୀନ ଭାବରେ ଉତ୍ସାହିତ କରିବା ସହିତ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିକୁ ଚେତାବନୀ ଦେଇଥିଲେ ।



ଟ୍ରମ୍ପ ସୋସିଆଲ ମିଡିଆରେ ଘୋଷଣା କରିଥିଲେ, ସହାୟତା ଆସୁଛି । ଏହା ପରେ ଚେତାବନୀ ଦେଇଥିଲେ, ଯଦି ଶାନ୍ତିପୂର୍ଣ୍ଣ ପ୍ରଦର୍ଶନକାରୀମାନଙ୍କୁ କ୍ଷତି ପହଞ୍ଚାଯାଏ ତେବେ ଆମେରିକା ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବ । ଇରାନବାସୀ ଏହାକୁ ସମର୍ଥନ ପ୍ରତିଶ୍ରୁତି ଭାବିଥିଲେ । ଯେତେବେଳେ ପ୍ରତିବାଦକାରୀମାନେ ପୁଣି ରାସ୍ତାକୁ ଓହ୍ଲାଇଲେ, ଇରାନ ସରକାର କଠୋର ରଣନୀତି ଆପଣେଇଲେ । ଯୋଗାଯୋଗ ବିଚ୍ଛିନ୍ନ କରିବା ସହ ସୁରକ୍ଷା ବାହିନୀ ମୁତୟନ କରି ଘାତକ ଶକ୍ତି ପ୍ରୟୋଗ କରିଥିଲେ । ପେଣ୍ଟାଗନ କିଛି ଅଣ-ଅତ୍ୟାବଶ୍ୟକ କର୍ମଚାରୀଙ୍କୁ ମଧ୍ୟପ୍ରାଚ୍ୟରେ ଥିବା ଏକ ପ୍ରମୁଖ ଆମେରିକୀୟ ଘାଟି ଛାଡିବା ନିର୍ଦ୍ଦେଶ ଦେଇଥିବା ଖବରକୁ ଯୁଦ୍ଧର ପ୍ରସ୍ତୁତି ବୋଲି ଅନୁମାନ କରାଯାଉଥିଲା । ମାତ୍ର ଏହାପରେ ପରିସ୍ଥିତି ଓଲଟି ଯାଇଥିଲା । ଟ୍ରମ୍ପ ଘୋଷଣା କରିଥିଲେ, ଇରାନର ନେତୃତ୍ୱ ତାଙ୍କୁ ହତ୍ୟା ଓ ମୃତ୍ୟୁଦଣ୍ଡ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏହା ସହିତ ଟ୍ରମ୍ପ ସଙ୍କେତ ଦେଇଥିଲେ, ପ୍ରତ୍ୟାଶିତ ଆମେରିକୀୟ ସାମରିକ କାର୍ଯ୍ୟାନୁଷ୍ଠାନ ଆଉ ଆଗକୁ ବଢ଼ିବ ନାହିଁ । ୱାସିଂଟନ ହସ୍ତକ୍ଷେପ କରିବ ବୋଲି ବିଶ୍ୱାସ କରି ନିଜ ଜୀବନକୁ ବାଜି ଲଗାଇଥିବା ପ୍ରଦର୍ଶନକାରୀଙ୍କ ପାଇଁ ଏହି ଘୋଷଣା ଏକ ଶକ୍ତ ଆଘାତ ଭଳି ମନେ ହୋଇଥିଲା ଆମର ୧୫,୦୦୦ ଲୋକଙ୍କ ମୃତ୍ୟୁ ପାଇଁ ଟ୍ରମ୍ପ ଦାୟୀ ବୋଲି ପ୍ରଦଶନକାରୀ ଅଭିଯୋଗ କରିଛନ୍ତି । ଇରାନବାସୀଙ୍କ ପ୍ରତି ଏପରି ବିଶ୍ୱାସଘାତକତା କରିବା ପାଇଁ ଆମେରିକା ଇସଲାମିକ ଗଣରାଜ୍ୟ ଇରାନ ସହିତ ଏକ ଚୁକ୍ତି କରିଥିବ ବୋଲି ସେମାନେ ଗୁରୁତର ଅଭିଯୋଗ ଆଣିଛନ୍ତି ।

ଟ୍ରମ୍ପ ଆମକୁ ବଳିର ଛେଳି ଭାବେ ବ୍ୟବହାର କରିଛନ୍ତି । ସେ ଆମ ପାଦତଳୁ ମାଟି ଖସାଇ ଦେଇଛନ୍ତି । ତାଙ୍କର ବାହାର ରଙ୍ଗ ହଳଦିଆ ପରି ତାଙ୍କର ଭିତର ରଙ୍ଗ ମଧ୍ୟ ସମାନ । ଟ୍ରମ୍ପଙ୍କ ବକ୍ତବ୍ୟ ଆଶା ସୃଷ୍ଟି କରି ପ୍ରତିବାଦକାରୀଙ୍କ ନିଷ୍ପତ୍ତିକୁ ସିଧାସଳଖ ପ୍ରଭାବିତ କରିଥିଲା । କିନ୍ତୁ ଗୁରୁତ୍ୱପୂର୍ଣ୍ଣ ସମୟରେ ଟ୍ରମ୍ପ ସମର୍ଥନ ହଟାଇନେଲେ । ସେ ଆମ ବିଷୟରେ ଚିନ୍ତା କରୁଛନ୍ତି ବୋଲି କେବଳ ମିଛରେ ହିଁ କହିଥିଲେ ବୋଲି ପ୍ରଦର୍ଶନକାରୀ ଅଭିଯୋଗ ଆଣିଛନ୍ତି । ଏହା ଦ୍ୱାରା ନିଜେ ଖୋଳିଥିବା ଖାଲରେ ଟ୍ରମ୍ପ ପଡ଼ିଛନ୍ତି ବୋଲି କେତେକ ମତପୋଷଣ କରିଛନ୍ତି । ଇରାନରେ ଅଶାନ୍ତି ସୃଷ୍ଟି ପାଇଁ ପ୍ରୋତ୍ସାହନ ଦେଉଥିବା ଟ୍ରମ୍ପ ଶେଷରେ ଇରାନବାସୀଙ୍କ ବିଶ୍ୱାସ ହରାଇ ବସିଛନ୍ତି ।

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra**

**ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର**